## ଅଜଣା ଯୁବକଙ୍କ ମୃତଦେହ ଜବତ

ବରୀ,(ମହେନ୍ଦ୍ର ସ୍ୱାଇଁ): ବରୀ-ରାମଚନ୍ଦ୍ରପୁର ଥାନା ଅଧୀନ ଅମଠପୁର ପଞ୍ଚାୟତ କମ୍ପଗଡ଼ ନିକଟରୁ ରବିବାର ଜଣେ ଯୁବକଙ୍କ ଗଳିତ ମୃତଦେହ ଜବତ କରାଯାଇଛି। ତାଙ୍କ ପରିଚୟ ମିଳି ପାରିନାହିଁ। ବନ୍ୟା ଜଳ ହ୍ରାସ ପାଇବା ପରେ ଦୁର୍ଗନ୍ଧ ଆସିବାରୁ ସେଠାରେ ମୃତଦେହ ପଡ଼ିଥିବା ଲୋକେ ଜାଣିବାକୁ ପାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ଶ୍ୱଶୁର ଘରକୁ ଆସି ଜ୍ୱାଇଁଙ୍କ ଆତ୍ମହତ୍ୟା

ପାଣିକୋଇଲି,୬।୮ (ବିକାଶ ମଲ୍ଲିକ):

ପାଣିକୋଇଲି ଥାନା ଗୋଲେଇପୁର ପଞ୍ଚାୟତର ମିର୍ଜାପୁର ଆଦିବାସୀ ସାହିରେ ରବିବାର ସକାଳେ ଜଣେ ଯୁବକ ବରଗଛରେ ବେକରେ ଗାମୁଛା ଗୁଡ଼ାଇ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ କେନ୍ଦୁଝର ଜିଲାର ସନା ମୁଣ୍ଡାଙ୍କ ପୁଅ ରାଜୁ (୨୮)। ରାଜୁ ମିର୍ଜାପୁର ଆଦିବାସୀ ସାହିରେ ରହୁଥିବା ସମ୍ବରା ମୁଣ୍ଡାଙ୍କ ଝିଅକୁ ବିବାହ କରିଥିଲେ। ବର୍ତ୍ତମାନ ଚାଷ କାମ ଚାଲୁଥିବାରୁ ରାଜୁ ଶ୍ୱଶୁର ଘରେ ରହି କାମ କରୁଥିଲେ। ଆର୍ଥିକ ସମସ୍ୟାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଶନିବାର ରାତିରେ ଗଣ୍ଡଗୋଳ ଲାଗିଥିଲା। ପରେ ତାହା ସମାଧାନ ହୋଇଥିଲା। ମାତ୍ର ସକାଳୁ ସାହି ଆଗରେ ଥିବା ବରଗଛରେ ରାଜୁ ୨ ଗାମୁଛାରେ ରଶି ଦେଇ ଆତ୍ମହତ୍ୟା କରିଥିବା ଦେଖି ଗ୍ରାମବାସୀ ପାଣିକୋଇଲି ଥାନାକୁ ଖବର ଦେଇଥିଲେ। ଏସ୍‌ଆଇ ପ୍ରକାଶ ପ୍ରଧାନ, ସ୍ମୃତିମଞ୍ଜରୀ ବଡ଼ଜେନା, ଏଏସ୍‌ଆଇ ସୁଜିତ ମଲ୍ଲିକ ପ୍ରମୁଖ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଥାନା ଅଧିକାରୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶରେ ଥାନାରେ ଏକ ଅପମୃତ୍ୟୁ ମାମଲା ନଂ.୨୦/୨୩ ରୁଜୁ ହୋଇଛି।

## ଟିପିଏନ୍‌ଓଡିଏଲ୍‌ର ଧନ୍ଦାମୂଳକ ତାଲିମ କେନ୍ଦ୍ର ଶୁଭାରମ୍ଭ



ଟିପିଏନ୍‌ଓଡିଏଲ୍‌ର ତାଲିମ କେନ୍ଦ୍ର ଶୁଭାରମ୍ଭ ଅବସରରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଯାଜପୁର,୬।୮ (ହର୍ଷବର୍ଦ୍ଧନ ବେହେରା) :

ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ନର୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ପକ୍ଷରୁ ଏହାର ପ୍ରଭାବଶାଳୀ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) ଗୋଷ୍ଠୀ ଉନ୍ନତୀକରଣ ଯାତ୍ରା ଆରମ୍ଭ କରାଯାଇଛି। ଏହି କ୍ରମରେ ସ୍ଥାନୀୟ ଯୁବବର୍ଗଙ୍କୁ ସଶକ୍ତ କରିବା ପାଇଁ ଯାଜପୁରର କପାସିରେ ଏହାର ତୃତୀୟ ଅତ୍ୟାଧୁନିକ ଧନ୍ଦାମୂଳକ ତାଲିମ କେନ୍ଦ୍ର (ଭିଟିସି)ର ଶୁଭାରମ୍ଭ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବରୀ ବିଧାୟିକା ସୁନନ୍ଦା ଦାସ ସମ୍ମାନୀତ ଅତିଥି, ଟିପିଏନ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାସ୍କର ସରକାର, ବାଣିଜ୍ୟିକ ଓ ସିଏସ୍‌ଆର୍ ମୁଖ୍ୟ ଦୁଷ୍ମନ୍ତ କୁମାର ତ୍ୟାଗି, ସିଏସ୍‌ଆର୍ ମୁଖ୍ୟ ଦିଲୀପ କୁମାର ସାହୁ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଯାଜପୁରର ଏସ୍‌ଇ ଅନନ୍ତ ନାରାୟଣ ବିଶୋଇ, ଯାଜପୁରର ଇଇ ଦୀପକ କୁମାର ବେହେରା, ସ୍ଥାନୀୟ ପ୍ରଶାସନିକ କର୍ତ୍ତୃପକ୍ଷ ଓ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଟିସିଏସ୍ ସହଯୋଗରେ ନିଯୁକ୍ତି ତାଲିମ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗିତାରେ ଟିପିଏନ୍‌ଓଡିଏଲ୍ ବ୍ୟାପକ ନିଯୁକ୍ତିଭତ୍ତିକ ତାଲିମ ପ୍ରଦାନ କରିବାକୁ ପ୍ରସ୍ତୁତ ହୋଇଛି। ଉପଯୁକ୍ତ ପ୍ରାର୍ଥୀ ଚିହ୍ନଟ କରିବା ପାଇଁ ଟିସିଏସ୍ ପକ୍ଷରୁ ଏକ ଅନୁଶୀଳନ କରାଯିବ ଏବଂ ପରୀକ୍ଷାରେ ଯୋଗ୍ୟ ବିବେଚିତ ପ୍ରାର୍ଥୀଙ୍କୁ ନିଯୁକ୍ତି ସୁଯୋଗ ପ୍ରଦାନ କରାଯିବ। ଯାହା ଫଳରେ ପ୍ରଯୁକ୍ତି ଓ କର୍ପୋରେଟ୍ କ୍ଷେତ୍ରରେ ସେମାନଙ୍କ ପାଇଁ ଚମତ୍କାର କ୍ୟାରିୟର ସମ୍ଭାବନାର ଦ୍ୱାର ଉନ୍ମୁକ୍ତ ହେବ ବୋଲି ବକ୍ତାମାନେ ସୂଚିତ କରିଥିଲେ। ଏହାବାଦ୍ କମ୍ପ୍ୟୁଟର ପାଠ୍ୟକ୍ରମ, ସିଲାଇ ଓ ଏମ୍ବ୍ରୋଡୋରୀ, ଇଲେକ୍ଟ୍ରିକାଲ୍ ଓ ହୋମ୍ ଆପ୍ଲାଏନ୍‌ସେସ୍ ମରାମତି, ଇଂଲିଶ କଥନ ତାଲିମ ଦେବାକୁ ଯୋଜନା ରହିଛି।

## ଛାତ୍ରୀଙ୍କୁ ଲୁଟ୍ ଅଭିଯୋଗରେ ୩ ଗିରଫ

ରସୁଲପୁର,୬।୮ (ରଞ୍ଜିତ ରାଉତ): ଛାତ୍ରୀଙ୍କୁ ଲୁଟ୍ ଅଭିଯୋଗରେ କୁଆଖିଆ ପୋଲିସ ୩ ଯୁବକଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ କେନ୍ଦ୍ରାପଡ଼ା ଜିଲା ଡେରାବିଶ ଥାନା ତିଲଙ୍ଗ ଗ୍ରାମର ଅମର ନାୟକ, ଓମ୍ ଘଡ଼େଇ, ରାଜା ଓରଫ ସୁବ୍ରତ ଦାସ। ସେମାନଙ୍କ ନିକଟରୁ ୪ ମୋବାଇଲ, ସ୍କୁଲ୍ ବ୍ୟାଗ, ମନିପର୍ସ, ୫୫୦ଟଙ୍କା ଓ ଏକ ବାଇକ୍ ଜବତ ହୋଇଛି। ଏହି ଥାନା ଗୋବିନ୍ଦପାଟଣା ଗ୍ରାମର ସୌଦାମିନୀ ଦାସ କଲେଜରୁ ଫେରିବା ବେଳେ ୩ ଯୁବକ ବାଇକ୍‌ରେ ଆସି ଗୋପାଳପୁର ଛକ ନିକଟରେ ତାଙ୍କୁ ଅଟକାଇ ବ୍ୟାଗ ଛଡ଼ାଇ ନେଇଥିଲେ। ଲୋକେ କୁଆଖିଆ ଓଭର ବ୍ରିଜ ନିକଟରେ ଜଣକୁ କାବୁ କରିଥିଲେ। ଅନ୍ୟ ୨ ଖସି ପଳାଇଥିଲେ। ପୋଲିସ ଛାତ୍ରୀଙ୍କ ମୋବାଇଲ ଚୋରି ହୋଇଥିବା ଜାଣି ଟ୍ରାକିଂ କରିଥିଲା। ସେମାନେ ମୂଳାପାଳଠାରୁ ରାଜେନ୍ଦ୍ରପୁର ପଞ୍ଚାୟତ ଦେଇ ବ୍ରାହ୍ମଣୀ ନଦୀବନ୍ଧ ଆଡକୁ ଯାଉଥିଲେ। ପୋଲିସ ପିଛାକରି ସେମାନଙ୍କୁ କାବୁ କରିଥିଲା। ଏନେଇ ନଂ.୨୬୫/୨୩ରେ ମାମଲା ରୁଜୁ ହୋଇଛି।




## ବନ୍ୟାରେ ଭାଙ୍ଗିଲା ବେଲେଶ୍ୱର ମନ୍ଦିର ପାଚେରି



ଯାଜପୁର ଟାଉନ,୬।୮ (ପ୍ରଯଜ୍ଞା ପ୍ରିୟଦର୍ଶିନୀ ମହାନ୍ତି): ଯାଜପୁର ସହର ନିକଟସ୍ଥ ପ୍ରସିଦ୍ଧ ବେଲେଶ୍ୱର ମନ୍ଦିରର ପାଚେରି ବନ୍ୟାଜଳରେ ଭାଙ୍ଗିଯାଇଛି। ବୈତରଣୀ ନଦୀ କୂଳରେ ଥିବା ଏହି ମନ୍ଦିରର ପାଚେରି ଭାଙ୍ଗି ବନ୍ୟାଜଳ ପ୍ରବେଶ କରିଛି। ତେଣୁ ପାଚେରିକୁ ତୁରନ୍ତ ମରାମତି କରିବା ପାଇଁ ସ୍ଥାନୀୟ ଜନସାଧାରଣ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ୧୫ନଂ. ଜୋନ୍‌ରେ ବିଜେଡିର ଜୋରଦାର ପ୍ରଚାର


ବିଜେଡିର ବାଇକ୍ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।

ଧର୍ମଶାଳା,୬।୮ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ବ୍ଲକ ଅଧୀନ ୧୫ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଥିବାବେଳେ ୩ ପ୍ରମୁଖ ଦଳର ପ୍ରଚାର ଜୋରଦାର ହେଉଛି। ଏହି ପ୍ରଚାରରେ ବିଜେଡି ଆଗୁଆ ରହିଛି। ଦଳପକ୍ଷରୁ ରବିବାର ପ୍ରାର୍ଥୀ ଚକ୍ରଧର ବେହେରାଙ୍କ ପାଇଁ ବାଇକ୍ ରାଲି କରାଯାଇଛି। ଏହି ଶୋଭାଯାତ୍ରାରେ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ଯୋଗଦେଇ ଦଳୀୟ ପ୍ରାର୍ଥୀଙ୍କୁ ବିଜୟୀ କରାଇବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ। ବାଇକ୍ ଶୋଭାଯାତ୍ରା ଏହି ଜୋନ ଅନ୍ତର୍ଗତ ପରୁଣିଆ, ଅରେଇକଣା, କଦମପାଳ ଓ କୋଟପୁର ପଞ୍ଚାୟତ ପରିକ୍ରମା କରିଥିଲା।

## ଜିଲାପାଳଙ୍କୁ ଭେଟିଲା ପିଇଓ ସଂଘ

### ୧୮ରୁ ସମୂହ ଛୁଟିରେ ଯିବାକୁ ଚେତାବନୀ

ରସୁଲପୁର,୬।୮ (ରଞ୍ଜିତ ରାଉତ):

ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋରଙ୍କୁ ଭେଟି ଦାବି ଜଣାଇଛି ଯାଜପୁର ଜିଲା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ସଂଘ। ଜିଲା ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ନାୟକ, ସମ୍ପାଦକ ନିକୁଞ୍ଜ ବିହାରୀ ରାଉତଙ୍କ ନେତୃତ୍ୱରେ ୩୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଜିଲାପାଳଙ୍କୁ ଭେଟି ଅଧିକାରୀମାନଙ୍କ ପ୍ରବେଶିକା ପରୀକ୍ଷା ଶିକ୍ଷାଗତ ଯୋଗ୍ୟତା ଯୁକ୍ତ ୨ରୁ ଯୁକ୍ତ ୩କୁ ବୃଦ୍ଧି କରିବା, ଦରମା ସ୍ତର-୫ର ଅର୍ଥରାଶି ୨୧,୭୦୦ରୁ ବୃଦ୍ଧି ଘଟାଇ ସ୍ତର-୯ ଦରମା ହାର ୩୫,୪୦୦କୁ ମଞ୍ଜୁର ପ୍ରଦାନ କରିବା, ୧୦ ବର୍ଷ ଚାକିରି ପୂରଣ କରିଥିବା ଅଧିକାରୀ ସମୂହ ପାଇଁ ସ୍ୱତନ୍ତ୍ର ପଦବୀ ସୃଷ୍ଟି କରାଯାଇ ଉଚ୍ଚସ୍ତରରେ ଅବସ୍ଥାପିତ କରିବା ଏବଂ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀକୁ ଶତପ୍ରତିଶତ ପଦୋନ୍ନତି ବ୍ୟବସ୍ଥା ଓ ଓପିଆର୍‌ଏସ୍ କ୍ୟାଡରରେ ଅଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରିବା ଭଳି ଦାବିକୁ ଦୋହରାଇଛନ୍ତି। ଦାବି ପୂରଣକୁ ନେଇ ଚେତାବନୀ ସଦୃଶ ଅଧିକାରୀମାନେ ୭ତାରିଖରୁ କଳାବ୍ୟାଜ୍ ପରିଧାନ କରିବେ। ସରକାର ସେମାନଙ୍କ ଦାବିକୁ ଗୁରୁତ୍ୱ ନ ଦେଲେ ୧୮ତାରିଖରୁ ସମୂହ ଛୁଟିରେ ଯିବେ ବୋଲି ପ୍ରକାଶ କରିଛନ୍ତି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ବେଳେ ଜିଲାର ୧୦ ବ୍ଲକର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷମାନେ ଉପସ୍ଥିତ ଥିଲେ।


ଜିଲାପାଳଙ୍କୁ ପିଇଓ ସଂଘ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

## ଗାଡ଼ି ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ଧର୍ମଶାଳା,୬।୮ (ବଟକୃଷ୍ଣ ପରିଡ଼ା): ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ନେଉଳପୁର ନିକଟରେ ରବିବାର ଭୋର ସମୟରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି।

ମୃତକ ହେଲେ ଭଦ୍ରକ ଜିଲା ଧୁଷୁରୀ ଥାନା ଖଡ଼ିମାହାରୀ ଗ୍ରାମର ଦେବେନ୍ଦ୍ର ରାଉତ (୫୩)। ଗୁରୁତର ହେଲେ ଶ୍ରୀମନ୍ତି ଆରତୀ(୪୧)। ଦେବେନ୍ଦ୍ର ଶ୍ରୀମନ୍ତିଙ୍କୁ ଓଡି-୦୧-ଏଆର୍-୨୦୨୨ ବାଇକ୍‌ରେ ବସାଇ କଟକରୁ ନିଜ ଘରକୁ ଫେରୁଥିଲେ। ନେଉଳପୁର ଛକ ନିକଟରେ ଏକ ଅଜଣା ଗାଡ଼ି ସେମାନଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଉଭୟ ପଡ଼ିଯାଇ ଗୁରୁତର ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହିନୀ ଉଭୟଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ସେଠାରେ ଦେବେନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଶ୍ରୀମନ୍ତିଙ୍କ ପ୍ରାଥମିକ ଚିକିତ୍ସା କରାଯାଇ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଧର୍ମଶାଳା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହିତ ନଂ.୪୭୫/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।



**୮୦ ୟୁନିଟ୍ ରକ୍ତ ସଂଗ୍ରହ**

ଆସିକା, (ସୁରେନ୍ଦ୍ର ନାଥ ସାହୁ): ଆସିକା ସୁଗାର ଟାଉନ ଜେସିସ ତରଫରୁ ରବିବାର ବିଶ୍ୱ ମୈତ୍ରୀ ଦିବସ ଅବସରରେ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏନ୍ଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ ଶିବିରକୁ ଉଦ୍‌ଘାଟନା କରି ଜେସିସର ଏହି ଆଭିମୁଖ୍ୟର ଉଚ୍ଚ ପ୍ରଶଂସା କରିଥିଲେ । ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ପଣ୍ଡା, କାର୍ଯ୍ୟକ୍ରମ ଅଧକ୍ଷ ପ୍ରତିକ ଆଚାରୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୮୦ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି । ଭଞ୍ଜନଗର ରକ୍ତଭଣ୍ଡାରର କର୍ମଚାରୀ ଇତିଶ୍ରୀ ତ୍ରିପାଠୀ, ଗଣପତି ପ୍ରଧାନ, ଆଲୋକ ପାଣିଗ୍ରାହୀ, ବିପିନ ପାଣିଗ୍ରାହୀ, ଗଗନ ବିହାରୀ ପ୍ରଧାନ, ସୀମାଞ୍ଚଳ ସେଠୀ ପ୍ରମୁଖ ରକ୍ତ ସଂଗ୍ରହ କାର୍ଯ୍ୟ କରିଥିଲେ ।

# ଅମୃତ ଭାରତ ଷ୍ଟେଶନ ଯୋଜନାରେ ଛତ୍ରପୁର ସାମିଲ



କାର୍ଯ୍ୟକ୍ରମରେ ଉପସ୍ଥିତ ଏମପି, ବିଧାୟକ, ଏନ୍ଏସି ଅଧକ୍ଷା ।

**ଛତ୍ରପୁର,୬।୮ (ସନ୍ତୋଷ ପାଢୀ)**

ଅମୃତ ଭାରତ ଷ୍ଟେଶନ ଯୋଜନାରେ ଗଞ୍ଜାମ ଜିଲାର ଏକମାତ୍ର ଷ୍ଟେଶନ ଛତ୍ରପୁର ଷ୍ଟେଶନ ସାମିଲ ହୋଇଛି। ଏହି ଯୋଜନାରେ ଛତ୍ରପୁର ରେଳ ଷ୍ଟେଶନର ବିକାଶ ଓ ଆଧୁନିକୀକରଣ କରାଯିବ। ପ୍ରଥମ ପ୍ରର୍ଯ୍ୟାୟରେ ନବୀକରଣ ହେବାକୁ ଥିବା ଦେଶର ୫୦୮ ଷ୍ଟେଶନ ମଧ୍ୟରୁ ଓଡିଶାର ୨୫ଟି ମଧ୍ୟରେ ଛତ୍ରପୁର ଷ୍ଟେଶନ ରହିଛି। ରବିବାର ଭିସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ଶିଳାନ୍ୟାସ କରିଛନ୍ତି। ବିଟ୍ରିଶ ଅମଳର ଛତ୍ରପୁର ଷ୍ଟେଶନର ରୂପାନ୍ତରଣ ପାଇଁ ୨୫.୫୬ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଧାର୍ଯ୍ୟ କରାଯାଇଛି। ରେଳଯାତ୍ରୀଙ୍କ ସୁବିଧାକୁ ଦୃଷ୍ଟିରେ ରଖି ରେଳ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । ଷ୍ଟେଶନ ନବୀକରଣ ହେବା ଦ୍ୱାରା ସର୍ବନିମ୍ନ ଜରୁରୀ ସୁବିଧା, ଭିତ୍ତିଭୂମି, ସ୍ଥାନୀୟ ସଂସ୍କୃତି, ଐତିହ୍ୟ ଏବଂ ସ୍ଥାପତ୍ୟ ଦ୍ୱାରା ଷ୍ଟେସନ ଗୁଡିକ ଅନୁପ୍ରାଣିତ ହେବ। ଏହାସହ ଆଲୋକୀକରଣ, ଷ୍ଟେସନ ବିକାଶ, ରାସ୍ତାର ପ୍ରଶସ୍ତୀକରଣ, ପାର୍କିଂ, ଉତ୍ସର୍ଗୀକୃତ

## ୨୫.୫୬ କୋଟି ମିଳିଲା

ପଥଚାରୀ ରାସ୍ତା, ଷ୍ଟେଶନ ପ୍ରବେଶ ପଥ, ସର୍କୁଲାର କ୍ଷେତ୍ର, ୱେଟିଂ ହଲ, ଶୌଚାଳୟ, ସ୍ମାର୍ଟ କିଓସ୍କ, ଏସ୍କାଲେଟର, ମାଗଣା ୱାଇଫାଇ, ଦିବ୍ୟାଙ୍ଗଙ୍କ ନିମନ୍ତେ ଅନୁକୂଳ ସୁବିଧା, ସଫିଂ ଜୋନ, ଫୁଡକୋର୍ଟ ଆଦି ସୁବିଧା ରହିବ। ଛତ୍ରପୁର ଷ୍ଟେଶନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ, ଛତ୍ରପୁର ବିଧାୟକ ସୁବାସ ବେହେରା, ଛତ୍ରପୁର ଏନଏସି ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାର କୃତୀ ପୁରସ୍କୃତ କରାଯାଇଥିଲା।

# ବିଦ୍ୟୁତ୍ ଆଘାତରେ ମହିଳାଙ୍କ ମୃତ୍ୟୁ

**ବୁଗୁଡ଼ା,୬।୮ (କାଳି ଚରଣ ଦାଶ)**

ବୁଗୁଡ଼ା ଥାନା କନ୍ଧଚନ୍ଦନପେଡ଼ି ଗ୍ରାମରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ବିଷ୍ଣୁ ନାୟକଙ୍କ ସ୍ତ୍ରୀ ବନିତା (୨୫)ଙ୍କ ମୃତ୍ୟୁ ଘଟିଛି। ପୂର୍ବାହ୍ନରେ ବନିତା ବିଲକାମରୁ ଓଦା ସର ସର ଅବସ୍ଥାରେ ଫେରି ବାରିପଟ ଘରେ ଟଣା ଯାଇଥିବା ଲୁହା ତାରରେ ଲୁଗା ଶୁଖାଇଲା ବେଳେ ବିଦ୍ୟୁତ ଆଘାତ ପାଇ ଅଚେତ ହୋଇ ପଡିଥିଲେ। ଲୁଗା ଶୁଖାଇ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଆସି ଦେଖିବା ବେଳକୁ ବନିତା ଅଚେତ ଅବସ୍ଥାରେ ପଡିଥିଲେ ଏବଂ ତାଙ୍କର ଡାହାଣ ହାତ ପାପୁଲିଟି ପୋଡି ଯାଇଥିଲା। ତାଙ୍କୁ ସଙ୍ଗେ ସଙ୍ଗେ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ. ୧୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ନେଇ ଏଏସ୍ଆଇ ବାପୁଜୀ ଖଣ୍ଡଗିରି କହିଛନ୍ତି।






# ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ନ ମିଳିଲେ ଅନଶନ

**କାଶୀନଗର,୬।୮ (ଟି. କ୍ରିଷ୍ଣା ରାଓ)**

କାଶୀନଗର ବ୍ଲକ ଅନ୍ତର୍ଗତ ଶିଆଳି ପଞ୍ଚାୟତର ସରପଞ୍ଚ ରାମ ପ୍ରସାଦ ପଟ୍ଟନାୟକ ଆସନ୍ତା ୨୮ ତାରିଖ ସୁଦ୍ଧା କଇଠପଦର, ପାଲାମାନଗୁଡା, ପି . ହରିପୁର, କରନିଭଦ୍ରା ଓ ଶିଆଳି ଗ୍ରାମରେ ଥିବା ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ ପାଇଁ ଅନୁଦାନ ନମିଳିଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଅନଶନରେ ବସିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସେ କାଶୀନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅବଗତ କରାଇବା ସହ ଥାନା ଅଧିକାରୀଙ୍କୁ ବି ସୂଚନା ଦେଇଛନ୍ତି। ଦାବିପତ୍ରରେ ଲେଖିଛନ୍ତି ଯେ, ବାରମ୍ବାର ବିଡିଓଙ୍କୁ ଅନୁରୋଧ ଓ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳଙ୍କୁ ଜଣାଇବା ସତ୍ତ୍ୱେ ବି ତାଙ୍କ ଦାବି ପ୍ରତି ପ୍ରଶାସନ କର୍ଣ୍ଣପାତ କରିନାହିଁ। ଶ୍ରେଣୀଗୃହ ଅଭାବ ଯୋଗୁ ଉଲ୍ଲିଖିତ ବିଦ୍ୟାଳୟ ସବୁର ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଧିର ପ୍ରଶାସନକୁ ଦାବି ଶୁଣାଇବା ସକାଶେ ଅନ୍ୟ କିଛି ଉପାୟ ନପାଇ ଅନଶନରେ ବସିବାକୁ ଶେଷରେ ସେ ନିଷ୍ପତ୍ତି ନେଇଛନ୍ତି।

# କ୍ଷୁଦ୍ର ଜଳସେଚନ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ଘାଇ ପରିଦର୍ଶନ



ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଓ ଅନ୍ୟମାନେ ଘାଇ ଅନୁଧ୍ୟାନ କରୁଛନ୍ତି।

**କବିସୂର୍ଯ୍ୟନଗର, ୬।୮ (କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ବ୍ଲକ ଗଙ୍ଗାପୁର ପଞ୍ଚାୟତ ବଡଆଗୁଳ ବଡଘାଇକୁ କ୍ଷୁଦ୍ର ଜଳସେଚନ ସର୍ବୋଚ୍ଚ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦେବପ୍ରସାଦ ମହାନ୍ତି, ଅଧିକ୍ଷଣ ଯନ୍ତ୍ରୀ କିରଣ କୁମାର ସୁବୁଦ୍ଧି ଏବଂ କନିଷ୍ଠ ଯନ୍ତ୍ରୀ ମନୋଜ ଚୌଧୁରୀ ପ୍ରମୁଖ ଗତ ଶୁକ୍ରବାର ପରିଦର୍ଶନରେ ଆସିଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କ ସମୟ(୧୯୫୮-୫୯)ରେ ନିର୍ଦ୍ଧାରିତ ଉଚ୍ଚତା ବିଶିଷ୍ଟ ଆନିକଟକୁ ଭାଙ୍ଗିଦେଇ ନୂତନ ଭାବେ ୩ଫୁଟ ୬ଇଞ୍ଚ ଉଚ୍ଚତାର ଏକ ଆନିକଟ ନିର୍ମାଣ କରାଯାଇଥିବାରୁ ବଡ଼ଆଗୁଳ ଗ୍ରାମରେ ତଳ ସାହି, ଠାକୁରାଣୀ ମନ୍ଦିର ସମେତ ୩୦ଏକରରୁ ଊର୍ଦ୍ଧ୍ୱ ଜମି ଜଳମଗ୍ନ ହେଉଛି । ଏହାଦ୍ୱାରା କ୍ଷତି ସହିବାକୁ ପଡୁଛି ବୋଲି ଚାଷୀ ନବୀନ କୁମାର ପଟ୍ଟନାୟକ, ପ୍ରକାଶ ଚନ୍ଦ୍ର ପରିଡା, ବିପ୍ର ଚରଣ ଗୌଡ଼, ଚିତ୍ତରଞ୍ଜନ ପରିଡା, ପ୍ରତାପ ପଟ୍ଟନାୟକ, କାଳିଆ ପରିଡା, ବିପିନ ବିହାରୀ ଗୌଡ଼, ଗୁରା ଗୌଡ଼, ପବନା ଗୌଡ଼, ଭାସ୍କର ଚନ୍ଦ୍ର ସ୍ୱାଇଁ, ବାଳକୃଷ୍ଣ ପଟ୍ଟନାୟକ, ବିଭୂ ପରିଡା, ବୃନ୍ଦାବନ ଗୌଡ଼, ବିଜୟ କୁମାର ପଟ୍ଟନାୟକ, ଅଙ୍ଗଦ ଗୌଡ଼, ସରପଞ୍ଚ ପ୍ରତିନିଧି କିରଣ କୁମାର ସେଠୀ, ସମିତି ସଭ୍ୟ ପ୍ରତିନିଧି ହରିହର ନାହାକ ଓ ଲାଲବାହାଦୁର ପଟ୍ଟନାୟକ ଏବଂ ଠିକାଦାର ନିକୁଞ୍ଜ ଖଣ୍ଡୁଆଳ ପ୍ରମୁଖ ସର୍ବୋଚ୍ଚ ଅତିରିକ୍ତ ମୁଖ୍ୟଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହାକୁ ଭିତ୍ତିକରି ଗତ ଶୁକ୍ରବାର ଘଟଣାସ୍ଥଳେ ପହଞ୍ଚି ଅନୁଧ୍ୟାନ କରିଛନ୍ତି । ପୁରା ଆନିକଟ ଭଙ୍ଗାଯାଇ ପାଣି ଲେଭଲକୁ ଦେଖି ପୁନର୍ବାର ଆନିକଟ ନିର୍ମାଣ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

**ଖଲ୍ଲିକୋଟ,୬।୮ (ପ୍ରଶାନ୍ତ କୁମାର ମିଶ୍ର)**

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କନ୍ହେଇପୁର ପଞ୍ଚାୟତର ଲୋଚାପଡ଼ା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ଗ୍ରାମର ୨ଟି ପରିବାରର ୩ ବଖରା ଜଳିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପାଉଁଶ ହୋଇଯାଇଛି। ଲୋଚାପଡ଼ା ଗ୍ରାମର ଭାସି ସାସ୍‌ମଲ ଓ ଜୟ ସାସ୍‌ମଲଙ୍କ ଘରେ ସକାଳେ ନିଆଁ ଲାଗି ୩ ବଖରା ଜଳିବାକୁ ଲାଗିଥିଲା। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଭାସି ସାସ୍‌ମଲ ଓ ଜୟ ସାସ୍‌ମଲଙ୍କ ଘର ଓ ଘରେ ଥିବା ଆସବାବପତ୍ର ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ସମ୍ପୂର୍ଣ୍ଣ ଜଳି ପୋଡ଼ି ପାଉଁଶ ହୋଇଯାଇଥିବା ବେଳେ ଉକ୍ତ ୨ ପରିବାର ଏବେ ବାସହରା ହୋଇପଡ଼ିଛନ୍ତି। ଅନ୍ୟପଟେ ଶର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ସେପଟେ ସ୍ଥାନୀୟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ଅପରାହ୍ନରେ ପହଞ୍ଚି ଅଗ୍ନିବିପନ୍ନ ପରିବାରଙ୍କୁ ଭେଟି ଆଶ୍ୱାସନା ଦେବାସହ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ବିଧାୟିକାଙ୍କ ପରିଦର୍ଶନ ସମୟରେ ଜିଲା ପରିଷଦ ସଭ୍ୟ ସୋନମ ପଲେଇ, ସ୍ଥାନୀୟ ସରପଞ୍ଚ ପ୍ରକାଶ ଚନ୍ଦ୍ର ସାସ୍‌ମଲ, ସମିତି ସଭ୍ୟ ପ୍ରତିନିଧି କୈଳାସ ଚନ୍ଦ୍ର ସାହୁ, ସ୍ଥାନୀୟ ୱାର୍ଡ ମେମ୍ବର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

## ବିପନ୍ନଙ୍କୁ ଭେଟିଲେ ବିଧାୟିକା



ଅଗ୍ନିବିପନ୍ନ ପରିବାର ଲୋକଙ୍କ ସହ ଆଲୋଚନା କରୁଛନ୍ତି ବିଧାୟିକା।

# ଘୁମୁସର ଜିଲା ଦାବି, ୫ ସହରରେ ହେବ ବନ୍ଦ ପାଳନ



ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ ମଞ୍ଚ କର୍ମକର୍ତ୍ତା।

**ଭଞ୍ଜନଗର,୬।୮ (ବାବୁଲା ପ୍ରଧାନ)**

ଘୁମୁସର ଜିଲା ଦାବି ଆନ୍ଦୋଳନକୁ ଜୋରଦାର କରିବା ପାଇଁ ଘୁମୁସର ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ସଂଘର ଏକ ବୈଠକ ରବିବାର ସଭାପତି ସୋମନାଥ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଆଗାମୀ ଦିନରେ ଘୁମୁସର ଜିଲା ଦାବି ନେଇ ଗୋବରା, ବେଲଗୁଣ୍ଠା, ବୁଗୁଡ଼ା, ଗାଙ୍ଗପୁର ଏବଂ ବାଲିପଦର ସହରରେ ଭିନ୍ନ ଭିନ୍ନ ଦିବସରେ ବନ୍ଦ ପାଳନ କରାଯିବ। ଏଥିପାଇଁ ସମ୍ପୃକ୍ତ ଅଞ୍ଚଳରେ ଲୋକଙ୍କୁ ସଚେତନ କରାଯିବ। ଅନ୍ୟପକ୍ଷରେ ମଞ୍ଚ ପକ୍ଷରୁ ବାର୍ଦ୍ଧକ୍ୟ ଭତ୍ତା ୫୦୦ରୁ ୨୦୦୦ ଟଙ୍କା କରିବା ପାଇଁ ସରକାରଙ୍କୁ ନିବେଦନ କରାଯାଇଥିଲା। ଏଥିସହ ଅନ୍ୟାନ୍ୟ ବିଷୟ ଆଲୋଚନା ହୋଇଥିଲା। ସଂଘର ବରିଷ୍ଠ କର୍ମକର୍ତ୍ତା ଶିବରାମ ପଣ୍ଡା, ହରେକୃଷ୍ଣ ସାହୁ, ବାଳକୃଷ୍ଣ ବେହେରା, ରବିନାରାୟଣ ସାମନ୍ତ, ରବୀନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।




# ୨୨ କୋଟିର ରାସ୍ତାରୁ ପିଚୁ ଉଠିଗଲା

- ୪ ମାସ ତଳେ ନିର୍ମାଣ ସରିଥିଲା
- ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତା

କେନ୍ଦ୍ରାପଡ଼ା, ୬।୮ (ଜଗନ୍ନାଥ ଧଳ)


ନିର୍ମାଣ କରାଯାଇଥିବା ପଟ୍ଟାମୁଣ୍ଡେଇ-ରାଜନଗର ବ୍ରାହ୍ମଣୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତାରୁ ପିଚୁ ଉଠିବା ପରେ ମରାମତି କରାଯାଇଛି।

ସରକାର ରାସ୍ତାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଆର୍ଥିକ ଅନୁଦାନ ଯୋଗାଇ ଦେଉଛନ୍ତି। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠିକାଦାର ପ୍ରୀତି ଯୋଗୁ ବିକାଶରେ ବାଧକ ସାଜିଛି। ଫଳରେ ନିମ୍ନମାନର ରାସ୍ତା ନିର୍ମାଣ କାମ ଯୋଗୁ ଯୋଜନାର ସୁଫଳ ଲୋକ ପାଇବାରୁ ବଞ୍ଚିତ ହେଉଛନ୍ତି। ଏଭଳି ଦେଖିବାକୁ ମିଳିଛି, ୨୨କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ରାସ୍ତା କ୍ଷେତ୍ରରେ। ୪ ମାସ ତଳେ ନିର୍ମାଣ କାମ ସରିଥିବା ଏହି ରାସ୍ତାରେ ଏବେ ପିଚୁ ଉଠି ଯାତାୟାତରେ ବାଧା ଉପୁଜୁଛି। ଏ ନେଇ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗ ପରେ ତରବରିଆ ଭାବେ ଠିକାଦାର ପ୍ୟାଚ କାମ କରିବାକୁ ମସୁଧା ଚଳାଇଛନ୍ତି। କେତେକ ଜାଗାରେ ପ୍ୟାଚ କାମ ଚାଲିଥିବା ଦେଖିବାକୁ ମିଳିଛି। ଏ ନେଇ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ସାମାଜିକ କର୍ମୀ ସର୍ବେଶ୍ୱର ସେଠୀ କହିଛନ୍ତି, କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଜୀବନରେଖା କୁହାଯାଉଥିବା ପଟ୍ଟାମୁଣ୍ଡାଇ-ରାଜନଗର ବ୍ରାହ୍ମଣୀ ଦକ୍ଷିଣପାର୍ଶ୍ୱ ନଦୀବନ୍ଧ ପୁରାତନ ରାସ୍ତା ଅବସ୍ଥା ଶୋଚନୀୟ ଥିବାରୁ ଗାଡ଼ିମୋଟର ଚଳାଚଳ ୨୦୧୮ରୁ ବନ୍ଦ ରହିଥିଲା। ଏ ନେଇ ଏହି ରାସ୍ତା ନିର୍ମାଣ, ଗାଡ଼ିମୋଟର ଚଳାଚଳ ନେଇ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆନ୍ଦୋଳନ ଓ ଦାବି ହୋଇ ଆସୁଥିଲା। ରାଜ୍ୟ ସରକାର ଏହି ରାସ୍ତାର ପୁନଃ ନିର୍ମାଣ ପାଇଁ ୨୦୨୧ରେ ୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତି ପରେ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ସମସ୍ୟା ମୁଣ୍ଡ ଟେକିଥିଲା। ରାସ୍ତା ନିର୍ମାଣ ସମୟରେ ଉପଯୁକ୍ତ ସାମଗ୍ରୀ ବ୍ୟବହାର କରାଯାଇନାହିଁ କି ଉପଯୁକ୍ତ ରୋଲିଂ ହୋଇ ନ ଥିବାରୁ ରାସ୍ତାର ବିଭିନ୍ନ ସ୍ଥାନ ପିଚୁ ଫାଟି ଏବେ ବାହାରି ଯାଉଛି। ସେତେବେଳେ ଅଭିଯୋଗ ହୋଇଥିଲେ ବି ବିଭାଗୀୟ ଯନ୍ତ୍ରୀ କର୍ଣ୍ଣପାତ କରି ନ ଥିଲେ। ଠିକାଦାର ତରବରିଆ ଭାବେ ନିମ୍ନମାନର କାମ କରିଥିବାରୁ ରାସ୍ତା ଏପରି ଅବସ୍ଥା ହୋଇଛି। ଉତିକଣ ସଂଗ୍ରାମ ସମିତିର ଆବାହକ ପ୍ରଶାନ୍ତ ମହାନ୍ତି କହିଛନ୍ତି, ଏହି ରାସ୍ତା କାମ ଆରମ୍ଭରୁ ନିମ୍ନମାନର ହେଉଥିବା ନେଇ ଆନ୍ଦୋଳନ କରି ଆସୁଥିବା ଉତିକଣ ସଂଗ୍ରାମ ପରିଷଦ କର୍ମକର୍ତ୍ତାଙ୍କ ସହିତ ଠିକାଦାରଙ୍କ ବେଶ୍ କିଛିଦିନ କସରତ ଚାଲିଥିଲା। ରାସ୍ତା ନିର୍ମାଣ ଠିକ୍ ଭାବେ କରାଯାଉ ନ ଥିବା ବାରମ୍ବାର ଅଭିଯୋଗ ହେବା ଫଳରେ ପୂର୍ତ୍ତ ବିଭାଗର ଉଚ୍ଚସ୍ତରୀୟ କମିଟି ଏହାର ଯାଞ୍ଚ କରିବା ସଙ୍ଗେ ସଙ୍ଗେ ଉତିକଣ ସଂଗ୍ରାମ ପରିଷଦ କର୍ମକର୍ତ୍ତାଙ୍କ ସହ ରାସ୍ତା ନିର୍ମାଣ ବିଷୟରେ ଆଲୋଚନା କରି ପ୍ଲାନ, ଏଷ୍ଟିମେଟ ଅନୁଯାୟୀ କାର୍ଯ୍ୟ ହେବାକୁ ପ୍ରତିଶ୍ରୁତି ଦେଇଥିଲେ। ତେବେ କାମ ଚାଲିଥିବା ସମୟରେ ଗାର୍ଡ ୱାଲ ଭୁଶୁଡି ପଡ଼ିବା, ରାସ୍ତାରେ ପିଚୁ ମେଶିନ ଦବି ଯିବା, ନୂତନ ରାସ୍ତାରୁ ପିଚୁ ଫାଟି ବାହାରି ପଡ଼ିବା, ଫୁଟପାଥ୍ ନିର୍ମାଣ କରା ନ ଯିବା ଆଦି ବିଭିନ୍ନ ଅଭିଯୋଗ ସାମ୍ନାକୁ ଆସିଥିଲା। ଏହି ଘଟଣାକୁ ନେଇ ଠିକାଦାର ଓ ସଂଗ୍ରାମ ପରିଷଦ କର୍ମକର୍ତ୍ତାଙ୍କ ମଧ୍ୟରେ ବାରମ୍ବାର ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ୪ ମାସ ହେବ ଠିକାଦାର ରାସ୍ତା କାମ ସାରି ଚାଲି ଯାଇଥିବାବେଳେ ଏବେ କିନ୍ତୁ ବିଭିନ୍ନ ସ୍ଥାନରେ ରାସ୍ତା ଫାଟିଯିବା, ପିଚୁ ଫାଟିବା, ଗୋଡ଼ି ବାହାରି ପଡ଼ିବା, ମରାମତି କରାଯାଇଥିବା ସ୍ଥାନରୁ ପୁଣି ପିଚୁ ଉଠିଯିବା ଆଦି ଦେଖିବାକୁ ମିଳିଛି। ଗୋଟିଏ ପଟେ ରାସ୍ତା କାମ ଆରମ୍ଭରୁ ନିମ୍ନମାନର କାର୍ଯ୍ୟ ହେଉଥିବା ଉତିକଣ ସଂଗ୍ରାମ ପରିଷଦ ବାରମ୍ବାର ଦାବି କରି ଆସୁଥିବାବେଳେ ରାସ୍ତାରେ ବ୍ୟବହୃତ ପିଚୁ ନିମ୍ନମାନର ଯୋଗୁ ଯାନବାହନ ଚଳାଚଳ ସମୟରେ ଭାଙ୍ଗି ଯାଉଥିବା କହିଛନ୍ତି ପରିଷଦର ବରିଷ୍ଠ ସଭ୍ୟ ତୀର୍ଥ ପରିଡା, ରମାକାନ୍ତ ଦାସ, ପ୍ରଦୀପ ପଣ୍ଡା, ବୃନ୍ଦାବନ ପରିଡା, ବିଚିତ୍ର ସେନାପତି, ଗଣେଶ ସେନାପତି, ନିରଞ୍ଜନ ସେଠୀ, ଅଶୋକ ମଳିକ, ପ୍ରସାଦ ମଳିକ, ପ୍ରଶାନ୍ତ ସାହୁ ପ୍ରମୁଖ। ଏ ସମ୍ପର୍କରେ ବିଭାଗୀୟ ସହନିର୍ବାହୀ ଯନ୍ତ୍ରୀ ରାଜଶ୍ରୀ ବେହେରାଙ୍କୁ ପଚାରିବାରୁ ନଦୀବନ୍ଧ ରାସ୍ତା ନିର୍ମାଣରେ କୌଣସି ତ୍ରୁଟି ହୋଇନି। ପିଚୁ ଉଠୁଥିବା ସ୍ଥାନର ମରାମତି ହୋଇଗଲେ ଠିକ୍ ହୋଇଯିବ ବୋଲି ସେ କହିଛନ୍ତି।

# ଘର ନମ୍ବର ନାମରେ ଠକେଇ


OFFICE OF THE COLLECTOR & DISTRICT MAGISTRATE
KENDRAPARA

Yours faithfully

Addl. District Magistrate, Kendrapara

Addl. District Magistrate, Kendrapara

କେନ୍ଦ୍ରାପଡ଼ା, ୬।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ଘରର ଡିଜିଟାଲ ନମ୍ବର ଯୋଗାଇ ଦେବା ନାମରେ ବଡ଼ଧରଣର ଠକେଇ ହେଉଛି। ଏଥିରେ ବିଶ୍ୱାସ ନ କରିବାକୁ ଜିଲା ପ୍ରଶାସନ ଶନିବାର ଗଣମାଧ୍ୟମକୁ ସୂଚନା ଦେଇଛି। ଏହାକୁ ନେଇ ଏବେ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। ଇତିମଧ୍ୟରେ ନମ୍ବର ଯୋଗାଣକାରୀ ସଂସ୍ଥା ନବଯୁଗ ଇନ୍‌ଫୋଟେକ ପ୍ରାଇଭେଟ ଲିମିଟେଡ ଜିଲାର ବିଭିନ୍ନ ଘର ମାଲିକଙ୍କଠାରୁ ବହୁ ଅର୍ଥ ନେଇ ସାରିଛି। ଏହା ଏକ ଠକ ସଂସ୍ଥା ବୋଲି ଜଣାପଡ଼ିବା ପରେ କାର୍ଯ୍ୟାନୁଷ୍ଠାନ କାହିଁକି ଗ୍ରହଣ କରାଯାଇନାହିଁ ବୋଲି ପ୍ରଶ୍ନ ଉଠିଛି। କେନ୍ଦ୍ରାପଡ଼ା ବ୍ଲକ କଂସାର ପଞ୍ଚାୟତଠାରେ ଏହି ସଂସ୍ଥା ପକ୍ଷରୁ କେତେଜଣ କର୍ମଚାରୀ ଘରର ଡିଜିଟାଲ ନମ୍ବର ଦେବେ ବୋଲି ୪୦ ଟଙ୍କା ଲେଖାଏ ଶନିବାର ଆଦାୟ କରୁଥିଲେ। ଗ୍ରାମର କେତେଜଣ ବ୍ୟକ୍ତି ଏହାକୁ ସନ୍ଦେହ କରିବାରୁ ପଚରାଉଚରା ପରେ ଜିଲାପାଳଙ୍କ ଅନୁମତି ଥିବା ଏକ ଚିଠି ଦେଖାଇଥିଲେ। ଏଡିଏମ୍‌ଙ୍କ ଦସ୍ତଖତ ଥିବା ଏହି ଚିଠି ନଂ. ୪୬/ଇଆଇଟି ୨୦୨୨ ଡିସେମ୍ବର ୩୦ରେ ଆସିଛି। ଏପରିକି କେନ୍ଦ୍ରାପଡ଼ା ବିଡିଓଙ୍କ ଦସ୍ତଖତ ଓ ସିଲ୍ ସହ ଘରର ଡିଜିଟାଲ ନମ୍ବର ପାଇଁ ଜାନୁୟାରୀ ୧୦ରେ ଅନୁମତି ଦିଆଯାଇଛି। ଏହି ଚିଠି ଅନୁଯାୟୀ, ଜିଲା ପରିଷଦ ଅଧ୍ୟକ୍ଷା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଚିଠି ଓ ଉଦ୍‌ଘାଟନ ପରେ ସାଧାରଣ ଲୋକଙ୍କଠାରୁ ହୋଇଥିବା ଟଙ୍କା ଆଦାୟ ପାଇଁ କିଏ ଦାୟୀ ରହିବ ବୋଲି ଏଠାରେ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ଇତିମଧ୍ୟରେ ଜିଲାର ସମସ୍ତ ବ୍ଲକରୁ ନବଯୁଗ ଇନ୍‌ଫୋଟେକ ପ୍ରାଇଭେଟ ଲିମିଟେଡ ସଂସ୍ଥା ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇଥିବା ଜାଣିବାକୁ ମିଳିଛି।

# ଆଶାତୀତ କଥାକୁ ଚିତ୍ରକଳା ମାଧ୍ୟମରେ ବୁଝାଇ ହୁଏ



ଅତିଥିମାନେ କୃତୀ ଚିତ୍ରଶିଳ୍ପୀମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

କେନ୍ଦ୍ରାପଡା, ୬।୮ (ଜଗନ୍ନାଥ ଧଳ)

ସୃଜନର ପରିଭାଷା ବିସ୍ତୀର୍ଣ୍ଣ। କେହି ଏହାକୁ ରୂପ ଦେବା ପାଇଁ ପ୍ରବଚନର ସାହାରା ନେଉଥିବା ବେଳେ କବି ଲେଖକ କଲମର ସାହାରା ନେଇଥାନ୍ତି। ତେବେ କଳା ଧଳା ହେଉ ଅଥବା ରଙ୍ଗିନ ଦୁନିଆରେ ଥିବା ଆଶାତୀତ କଥାକୁ ଅତି ସୁକ୍ଷ୍ମ ଭାବରେ ଚିତ୍ରକଳା ମାଧ୍ୟମରେ ଚିତ୍ରଶିଳ୍ପୀ ସହଜରେ ବୁଝାଇ ଦେଇଥାଏ। ଏହି ଚିତ୍ର ସମଗ୍ର ଘଣାବଳୀକୁ ଲୋକଙ୍କ ନିକଟରେ ପହଞ୍ଚାଇ ଥିଲା। ଏଥିପାଇଁ ଚିତ୍ରଶିଳ୍ପୀ ସଦାସର୍ବଦା ସୁସ୍ଥ ସମାଜରେ ଅଗ୍ରଗଣ୍ୟ ଭାବେ ସମ୍ମାନିତ ହୋଇଥାନ୍ତି ବୋଲି ଚିତ୍ରଶିଳ୍ପୀ ଗୌରବ ସମ୍ମାନ ଉତ୍ସବରେ ଅତିଥିମାନେ ମତ ଦେଇଛନ୍ତି। କେନ୍ଦ୍ରାପଡ଼ା ଜିଲା ଚିତ୍ରଶିଳ୍ପୀ ସଂଘ ପକ୍ଷରୁ ସହର ନିକଟ ଜିଲା ସଂସ୍କୃତି ଭବନରେ ଏହି ଉତ୍ସବ ରବିବାର ପାଳନ କରିଥିଲେ। ସଂଘ ସଭାପତି ନଗୁଳି ଚରଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବକୁ ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ଉଦ୍‌ଘାଟନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ଭାବେ ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଅଜୟ କୁମାର ରାଉତ, ପୂର୍ବତନ ପ୍ରଶାସନିକ ଅଧିକାରୀ ନରହରି ସୂତାର, ଶିକ୍ଷାବିତ ଇଦ୍ରିସ ଅଲ୍ଲୀ, ଚିତ୍ର ଶିଳ୍ପୀ ସନ୍ଦୀପ କୁମାର କର ଯୋଗ ଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ଇଂ. ମୁରଲୀଧର ସେଠୀ, ଯୁବନେତା ରାଜେଶ ଦାସ, ଶିକ୍ଷାବିତ ଅଜୟ କୁମାର ରାଉତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନେ କେନ୍ଦ୍ରାପଡ଼ା ଜିଲାର ଚିତ୍ରଶିଳ୍ପୀଙ୍କୁ ସଙ୍ଗଠିତ ହୋଇ ଜିଲାର ବିକାଶ ପାଇଁ ଆହ୍ୱାନ ଦେଇଥିଲେ। ଏଥିସହ ରାଜ୍ୟ ସରକାରଙ୍କ ଚିତ୍ରକଳା ପ୍ରତି ଯୋଗଦାନ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ କୃତୀ ଛିତ୍ରଶିଳ୍ପୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଚିତ୍ରଶିଳ୍ପୀ ଅଜୟ କୁମାର ପଣ୍ଡା ଉତ୍ସବକୁ ପରିଚାଳନା କରିଥିବା ବେଳେ ସଂଘ ସମ୍ପାଦକ ବାର୍ଷିକ ବିବରଣୀ ଉପସ୍ଥାପିତ କରିଥିଲେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅବିନାଶ


@ ଅବିନାଶ ରାଉତ


@ ମିର୍ ଅହମ୍ମଦ ଅଲ୍ଲି


@ ରିଙ୍କୁ


@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୁପରଭାଇଜରଙ୍କୁ ଗୁଳିମାଡ଼ ଘଟଣାରେ ଜଣେ କୋର୍ଟଚାଲାଣ

ମାର୍ଶାଘାଇ, ୬।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ଥାନା ଅନ୍ତର୍ଗତ ଆୟତପୁର କଳଘର ନିକଟରେ ଜୁଲାଇ ୨୯ ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଗୁଳିମାଡ଼ ଘଟଣାରେ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିରେ ସମ୍ପୃକ୍ତ ଆଉ ଜଣେ ଯୁବକ ଫେରାର ହୋଇଯାଇଛନ୍ତି। ଗିରଫ ଯୁବକ ହେଲେ ମାର୍ଶାଘାଇ ଥାନା ଅନ୍ତର୍ଗତ କରମକୁଳ ଗାଁର ବିବେକାନନ୍ଦ ସେନାପତି ଓରଫ ରାଜା (୨୬)। ଗୁଳିମାଡ଼ର ଶିକାର ହୋଇଥିବା ସୁପରଭାଇଜର ଶକ୍ତି ଚନ୍ଦନ ମହାନ୍ତିଙ୍କ ମା' ରାଜଲକ୍ଷ୍ମୀ ଥାନାରେ ଅଭିଯୋଗ କରିଥିଲେ ଯେ, ତାଙ୍କ ପୁଅକୁ କେହି ଅଜଣା ଦୁର୍ବୃତ୍ତ ଗୁଳିମାରି ଫେରାର ହୋଇଯାଇଛି। ସେ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛି। ଏସ୍‌ଆଇ କୌଶରିକା ରାଉତରାୟ ଘଟଣାର ତଦନ୍ତ କରି ଅଭିଯୁକ୍ତ ରାଜାଙ୍କୁ ଗିରଫ କରିଥିଲା। ଆଉ ଜଣେ ଅଭିଯୁକ୍ତ ରାଜା ବେହେରା ଫେରାର ଥିବା ପୋଲିସ ପ୍ରକାଶ କରିଛି। ଅଭିଯୁକ୍ତଙ୍କଠାରୁ ବାଇକ୍ ଜବତ କରାଯାଇଛି। ଆର୍ଥିକ କାରବାରକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ ବିବାଦ ଥିବା ପୋଲିସ ତଦନ୍ତ ସମୟରେ ଜାଣିବାକୁ ପାଇଥିଲା। ଏ ନେଇ ଥାନାରେ ନଂ. ୪୪୨/୨୩ରେ ମାମଲା ରୁଜୁ କରାଯାଇଥିଲା।

# ରାଜ୍ୟ କୃଷି ବିପଣନ ପରିଷଦକୁ ଗଲେ ଦୀପ୍ତି ଦାସ

ଜଗତ୍‌ସିଂହପୁର, ୬।୮ (ପ୍ରମୋଦ କୁମାର ନାୟକ)



ଜଗତ୍‌ସିଂହପୁର ନିୟନ୍ତ୍ରିତ ବଜାର କମିଟି ଉପାଧ୍ୟକ୍ଷ ତଥା ବିଜେଡି ଜିଲା ଉପସଭାପତି ଦୀପ୍ତି କୁମାର ଦାସ ଓଡ଼ିଶା ରାଜ୍ୟ କୃଷି ବିପଣନ ପରିଷଦର ସଭ୍ୟ ରୂପେ ମନୋନୀତ ହୋଇଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ତରଫରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ଏ ସମ୍ପର୍କରେ ଦାସ କହିଛନ୍ତି, ତାଙ୍କ ଅଭିଜ୍ଞତାକୁ ବିଚାରକୁ ନେଇ ଜଗତ୍‌ସିଂହପୁର ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ପ୍ରଶାନ୍ତ ମୁଦୁଲି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ବିଜେଡି ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ରାଜ୍ୟ ସରକାରଙ୍କୁ ତାଙ୍କ ନାମ ସୁପାରିସ୍ କରିଛନ୍ତି। ଏନେଇ ସେ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ବସୁମତି ପତ୍ରିକା ସୃଜନଶୀଳତାର ଅନନ୍ୟ ପରିପ୍ରକାଶ

ଏରସମା, ୬।୮ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ରବିବାର ରଜ ମହୋତ୍ସବ କମିଟିର ମୁଖପତ୍ର 'ବସୁମତି' ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଜେଡି ଏରସମା ବ୍ଲକ ଉପସଭାପତି ବିଜୟ ପାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏରସମା ତହସିଲର ପୂର୍ବତନ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ ଯୋଗଦେଇ କହିଥିଲେ, ବସୁମତି ପତ୍ରିକା ସୃଜନଶୀଳତାର ଅନନ୍ୟ ପରିପ୍ରକାଶ। ଏଥିରେ ଗ୍ରାମାଞ୍ଚଳର ଲୁକ୍କାୟିତ ସାହିତ୍ୟ ସାଧକମାନେ ଲୋକଲୋଚନକୁ ଆସିପାରିବେ ବୋଲି ସେ କହିଥିଲେ। ଉତ୍ସବରେ ସିହା ଗ୍ରାମ ମୁରବି ନରେନ୍ଦ୍ର କୁମାର ସ୍ୱାଇଁ ଉପସ୍ଥିତ ରହି ସାହିତ୍ୟର ବିକାଶ କ୍ଷେତ୍ରରେ ରଜ ମହୋତ୍ସବ କମିଟିର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ। ଗଙ୍ଗୋତ୍ରୀର ସମ୍ପାଦକ କୈଳାସ ଚନ୍ଦ୍ର ପ୍ରଧାନ କହିଥିଲେ ମାନବକୁ ସଭ୍ୟତାସମ୍ପନ୍ନ କରିବା କ୍ଷେତ୍ରରେ ପତ୍ରପ୍ରତିକାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏଥିରେ ପ୍ରେମ ଚରଣ ରାଉତ, ହୃଷୀକେଶ ଜେନା ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ଦେଇଥିଲେ। ପତ୍ରିକାର ସମ୍ପାଦକ ନିରାକାର ସ୍ୱାଇଁ ସ୍ୱାଗତ ଭାଷଣ ଓ ବୈଦ୍ୟନାଥ ସାହୁ ପ୍ରାରମ୍ଭିକ ସୂଚନା ଦେଇଥିଲେ।



ଅତିଥିମାନେ ବସୁମତି ପତ୍ରିକାକୁ ଉନ୍ମୋଚନ କରୁଛନ୍ତି।

# ରାଜକନିକା ବ୍ଲକ ବିଜେଡିର ନୂଆ କର୍ମକର୍ତ୍ତା

କେନ୍ଦ୍ରାପଡ଼ା, ୬।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା ବିଜେଡିର ସଭାପତି ଉତ୍କଳ କେଶରୀ ପରିଡ଼ାଙ୍କ ଅନୁମୋଦନ କ୍ରମେ ରାଜକନିକା ବ୍ଲକ ବିଜେଡିର ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରାଯାଇଛି। ରାଜକନିକା ବ୍ଲକ ବିଜେଡି ସଭାପତି ଭାବେ ବିଦ୍ୟାଧର ବେହେରାଙ୍କୁ ପୁଣି ମନୋନୀତ କରାଯାଇଛି। ରାଜକନିକା ସଦର ଜାଗୁଲାଇପଡା ପଞ୍ଚାୟତ ଗଞ୍ଜା ଗାଁର ଯୁବନେତା ବସନ୍ତ କୁମାର ନାୟକଙ୍କୁ ସମ୍ପାଦକ ଦାୟିତ୍ୱ ମିଳିଛି। ସେହିକ୍ରମରେ ଉପସଭାପତି ନିରଞ୍ଜନ ନାୟକ, ବେଣୁଧର ସାମଲ, ରବିନାରାୟଣ ବେହେରା, ଅଶ୍ୱିନୀ କୁମାର ସାମଲ ଓ ବିଶ୍ୱରଞ୍ଜନ ନାୟକଙ୍କୁ ମନୋନୟନ କରାଯାଇଛି। ସାଧାରଣ ସମ୍ପାଦକ ଅଜୟ କୁମାର ବେହେରା, ବିଶ୍ୱନାଥ ନାୟକ, ଭରତ ଚନ୍ଦ୍ର ମହାପାତ୍ର, ସୁବାସ ଚନ୍ଦ୍ର ନାୟକ ଓ ତ୍ରିଲୋଚନ ବିଶ୍ୱାଳ ଯଥାକ୍ରମେ ମନୋନୀତ ହୋଇଛନ୍ତି। ସେହିପରି ଦାମୋଦର ସ୍ୱାଇଁ, ଅଭୟ ପ୍ରଧାନ, ପ୍ରଫୁଲ୍ଲ ନାୟକ, ଉତ୍ତମ ସେନାପତି, ଅରୁଣ ଦାସ, ସନ୍ତୋଷ ବେହୁରିଆ, ବ୍ରଜବନ୍ଧୁ ନାୟକ, ବସନ୍ତ ନାୟକ, ପ୍ରଦୀପ୍ତ ବେହୁରିଆ ଓ ବାସୁଦେବ ବିଶ୍ୱାଳଙ୍କୁ ସମ୍ପାଦକ ଦାୟିତ୍ୱ ମିଳିଥିବା ଜଣାପଡିଛି। କୋଷ ପ୍ରମୁଖ ଭାବେ ପବିତ୍ର ରାଉତଙ୍କୁ ଚୟନ କରାଯାଇଛି।

# ଜନଜାତି ଛାତ୍ରୀଛାତ୍ରଙ୍କଠାରୁ ନାମ ଲେଖା ଫି' ଆଦାୟ

- ମା' ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ
- ଋଣ ଆଣି ପୁଅର ରି-ଆଡ୍‌ମିଶନ କଲେ ମା'
- ଅର୍ଥ ଫେରାଇବା ପାଇଁ ଚେତାବନୀ ଦେଲା ଜନଜାତି ସମାଜ

ମହାକାଳପଡ଼ା, ୬।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ସଭିଏଁ ପଢ଼ିବେ ସଭିଏଁ ବଢ଼ିବେ ସର୍ବଶିକ୍ଷା ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାର ସୁଦୂର ପ୍ରଚାର ପ୍ରସାର କ୍ଷେତ୍ରରେ ବିପୁଳ ଅର୍ଥ ବ୍ୟୟ କରୁଛନ୍ତି। ଯେପରି ଗ୍ରାମାଞ୍ଚଳ ହେଉ କି ସହରାଞ୍ଚଳର କୌଣସି ଛାତ୍ରୀଛାତ୍ର ପ୍ରାଥମିକ ଶିକ୍ଷାରୁ ବଞ୍ଚିତ ହେବେ ନାହିଁ। ସେଥିପାଇଁ ସରକାର ବିଦ୍ୟାଳୟ ପ୍ରବେଶ ଉତ୍ସବ ପାଳନ ଆରମ୍ଭଠାରୁ ମାଗଣାରେ ନାମଲେଖା, ପାଠ୍ୟ ପୁସ୍ତକ, ପୋଷାକ, ମଧ୍ୟାହ୍ନ ଭୋଜନ, ଯାତାୟାତ ପାଇଁ ସାଇକେଲ ଓ ମେଧା ବୃତ୍ତି ଆଦି ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ତୃଣମୂଳସ୍ତରରେ ଏହାର ଏକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବିଡମ୍ବନାର ବିଷୟ ଦାରିଦ୍ର୍ୟ ସୀମାରେଖା ତଳେ ବସବାସ କରୁଥିବା ଅନୁସୂଚିତ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କଠାରୁ ନାମ ଲେଖା (ରି-ଆଡ୍‌ମିଶନ) ବାବଦକୁ ନବମ, ଦଶମ ପିଲାମାନଙ୍କଠାରୁ ୩୫୦ ଟଙ୍କା ଲେଖାଏ ଅର୍ଥ ଆଦାୟ କରାଯାଉଥିବା ଅଭିଯୋଗ ଉଠିଛି। ଏହାର ଏକ ଉଦାହରଣ ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ରାମନଗରସ୍ଥିତ ମା' ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟରେ। ଏଠାରେ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କଠାରୁ ନାମଲେଖା ଦେୟ ଅର୍ଥ ଆଦାୟ କରାଯାଉଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି।

ମିଳିଥିବା ସୂଚନା ଅନୁସାରେ, ବ୍ଲକ ଅଧୀନ ପେଟଛେଲା ପଞ୍ଚାୟତର ଲୁଣି ମାଠିଆ ଗ୍ରାମର ଜନଜାତି ଛାତ୍ରୀଛାତ୍ରଙ୍କ ଅଭିଭାବକମାନଙ୍କ ମଧ୍ୟରେ ସୁମିତ୍ରା ମୁର୍ମୁ ଓ ଗଜେନ୍ଦ୍ର ଚୋପିଆଙ୍କ କହିବା କଥା ଆମେ ଦିନମଜୁରିଆ, ମଜୁରି ଲାଗିଲେ ଘରେ ଚୁଲି ଜଳେ। ସରକାର ଆମମାନଙ୍କ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ପାଠ ପଢ଼ିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। କିନ୍ତୁ ସରକାରୀ ବିଦ୍ୟାଳୟର କର୍ତ୍ତୃପକ୍ଷ ଆମ ପିଲାଙ୍କୁ ରି-



ଆଡ୍‌ମିଶନ କରିବା ପାଇଁ ୩୫୦ ଟଙ୍କା ମାଗିବାରୁ ଆମ୍ଭେ ଋଣ ଆଣି ଦେଇଛୁ ବୋଲି ସୁମିତ୍ରା ମୁର୍ମୁ କହିଛନ୍ତି। ଅପରପକ୍ଷରେ ଏହି ଗ୍ରାମର ନବମ ଶ୍ରେଣୀ ଛାତ୍ରୀ ଲକ୍ଷ୍ମୀ ମାଝି, ପୂଜା ମାଝି, ଲକ୍ଷ୍ମୀ ମୁର୍ମୁ, ଶୁଭଙ୍କର ମୁର୍ମୁ ଓ ଦିଲୁ ମାଝିଙ୍କଠାରୁ ୩୫୦ ଟଙ୍କା ଶ୍ରେଣୀ ଶିକ୍ଷକଙ୍କ ମାଧ୍ୟମରେ ପ୍ରଧାନ ଶିକ୍ଷକ ନେଇଛନ୍ତି ବୋଲି ଅଭିଭାବକମାନେ କହିଛନ୍ତି। ଅପରପକ୍ଷରେ ଅଭାବୀ ଜନଜାତି ବର୍ଗର ଛାତ୍ରୀଛାତ୍ରମାନଙ୍କୁ ନାମ ଲେଖା ଟଙ୍କା ଦେବା ପାଇଁ ତାଗିଦ୍ କରିଥିଲେ ମଧ୍ୟ ଅଭାବ ଯୋଗୁ ସେମାନେ ଦେଇପାରିନାହାନ୍ତି ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ ମା' ରାମଚଣ୍ଡୀ ବିଜୟାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ କୁମାର ସ୍ୱାଇଁଙ୍କୁ ପଚାରିବାରେ ଜନଜାତି ଛାତ୍ରୀଛାତ୍ରମାନଙ୍କଠାରୁ ନାମ ଲେଖା ଅର୍ଥ ଆଦାୟ ହେବା ନେଇ ଅବଗତ ନାହିଁ ବୋଲି ସେ କହିଛନ୍ତି। ଅପରପକ୍ଷରେ ବ୍ଲକ ଶିକ୍ଷା ଅଧିକାରୀ ତନ୍ମୟ କୁମାର ବେହେରାଙ୍କୁ ପଚାରିବାରେ ଅଭିଯୋଗ ମିଳିଲେ ତଦନ୍ତ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଏ ନେଇ ସମ୍ପୃକ୍ତ ବିଦ୍ୟାଳୟର ଏସ୍‌ଏମ୍‌ସି ସଭାପତି ପବିତ୍ର କୁମାର ବେହେରା ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ପର୍ଯ୍ୟନ୍ତ ଏକ ହଜାରରୁ ଅଧିକ ଛାତ୍ରୀଛାତ୍ର ଅଧ୍ୟୟନ କରନ୍ତି। ଦୁଃଖର ବିଷୟ ସରକାରଙ୍କ ଗାଇଡ୍‌ଲାଇନକୁ ଉଲ୍ଲଂଘନ କରାଯାଉଛି ବୋଲି ଅଭିଯୋଗ କରିଛନ୍ତି। ସ୍ୱଚ୍ଛତା ପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବା ପାଇଁ ଦାବି କରିଛନ୍ତି। ଏ ନେଇ ଲୁଣି ମାଠିଆ ଜନଜାତି ବର୍ଗର ଜନପ୍ରତିନିଧି ମଧୁ ବାସ୍କେଙ୍କ କହିବା କଥା, ଜନଜାତି ନବମ, ଦଶମ ଛାତ୍ରୀଛାତ୍ରମାନଙ୍କଠାରୁ ବିଦ୍ୟାଳୟ କର୍ତ୍ତୃପକ୍ଷ ବେଆଇନ ଭାବେ ରି-ଆଡ୍‌ମିଶନ ବାବଦକୁ ୩୫୦ ଟଙ୍କା ନେଇଛନ୍ତି ବୋଲି ଗୁରୁତର ଅଭିଯୋଗ କରିଛନ୍ତି। ନେଇଥିବା ଅର୍ଥ ଛାତ୍ରୀଛାତ୍ରମାନଙ୍କୁ ଫେରସ୍ତ ଯଦି କରା ନ ଯାଏ ବିଦ୍ୟାଳୟ ସମ୍ମୁଖରେ ଜନଜାତି ସମାଜ ଆନ୍ଦୋଳନ କରିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ଅପମିଶ୍ରିତ ଖାଦ୍ୟ ବିକ୍ରି ଉପରେ କଟକଣା ନାହିଁ

ନୟାଗଡ଼,୬।୮ (ଲୋକନାଥ ମିଶ୍ର)

- ଧରପଗଡ଼,ନମୁନା ସଂଗ୍ରହ ଶୂନ୍
- ସ୍ୱାଦିଷ୍ଟ ଖାଦ୍ୟ ନାଁରେ ଲୋକେ କିଣୁଛନ୍ତି ରୋଗ
- ଲଗାମ ନ ଥିବାରୁ ଲାଭରେ ବ୍ୟବସାୟୀ



ନୟାଗଡ଼ ଜିଲାର ବିଭିନ୍ନ ହୋଟେଲ, ଢ଼ାବା, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନରେ ସୁଆଦିଆ ଖାଦ୍ୟ ନାଁରେ ବାସି, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବା ଅଭିଯୋଗ ହୋଇଆସୁଛି। ଗ୍ରାହକ ଆହାର ବଦଳରେ ଜହର ଖାଇ ରୋଗ କିଣିଛନ୍ତି। ପ୍ରଶାସନର ଧରପଗଡ଼, ନମୁନା ସଂଗ୍ରହ ହେଉ ନ ଥିବାରୁ ଅସାଧୁ ତଥା ଲାଭଖୋର ବ୍ୟବସାୟୀମାନେ ଗ୍ରାହକଙ୍କୁ ଏପରି ନିମ୍ନମାନର ଖାଦ୍ୟ ବିକ୍ରି କରୁଛନ୍ତି।

ଜିଲାରେ ପ୍ରତିଦିନ ନୂଆ ହୋଟେଲ, ଢ଼ାବା, ରେଷ୍ଟୁରାଣ୍ଟ ଓ ଜଳଖିଆ ଦୋକାନ ଖୋଲୁଛି ଓ ବନ୍ଦ ହେଉଛି। ସେଥି ମଧ୍ୟରୁ କିଏ ସ୍ୱିକୃତୀପ୍ରାପ୍ତ ଓ କିଏ ଅଣସ୍ୱିକୃତୀପ୍ରାପ୍ତ ଗ୍ରାହକ ଜାଣି ପାରୁନାହାନ୍ତି। ଜିଲାର ରଣପୁର, ରାଜସୁନଖଳା, ଦର୍ପନାରାୟଣପୁର, ଚାନ୍ଦପୁର, ଡମସାହି, ଖଣ୍ଡପଡ଼ା, ଖଳିସାହି, କଣ୍ଟିଲୋ, ଓଡ଼ଗାଁ, ଶରଣକୁଳ, ଗୋଡ଼ିପଡ଼ା, କଜଳାଇପଲୀ, ମଗରବନ୍ଧ, ନୂଆଗାଁ, ବାହାଡ଼ାଝୋଲା, ମହୀପୁର, ଦଶପଲ୍ଲା, ବାଣିଗୋଛା, ଗଣିଆ, ଛାମୁଣ୍ଡିଆ, ନୟାଗଡ଼, ଇଟାମାଟି, ପଣ୍ଡୁସର, ବାଲୁଗାଁ, ଭାପୁର, ଫତେଗଡ଼, ବାଇଗୁଣିଆ, ବାହାଡ଼ା ଅଞ୍ଚଳରେ ରହିଥିବା ଅଧିକାଂଶ ହୋଟେଲ, ଢ଼ାବା ଓ ଜଳଖିଆ ଦୋକାନରେ ଅପମିଶ୍ରିତ ଓ କମ୍ ଦାମର ତେଲ, ଘିଅରେ ପ୍ରସ୍ତୁତ ଜଳଖିଆ ଏବଂ ଖାଦ୍ୟପଦାର୍ଥ ବିକ୍ରି ଚାଲିଛି। ସେହିପରି ଫାଷ୍ଟଫୁଡ୍ ଦୋକାନରେ ମଧ୍ୟ ଦୂଷିତ ଓ ଅପମିଶ୍ରିତ ଖାଦ୍ୟ ବିକ୍ରି ହେଉଛି। ନୟାଗଡ଼ ସହରରେ ୭ ବଡ଼ ହୋଟେଲ, ୬ ମଧ୍ୟମ ଧରଣର ହୋଟେଲ, ୯ରୁ ଊର୍ଦ୍ଧ୍ୱ ଛୋଟ ହୋଟେଲ, ୧୦ ରେଷ୍ଟୁରାଣ୍ଟ, ୧୬ରୁ ଊର୍ଦ୍ଧ୍ୱ ଫାଷ୍ଟଫୁଡ ଦୋକାନ ରହିଛି। ରାଜ୍ୟର ପ୍ରତ୍ୟେକ ଜିଲାରେ ନିଯୁକ୍ତ ଫୁଡ୍ ସେଫ୍ଟି ଅଫିସର ସେମାନଙ୍କ ଅଞ୍ଚଳରେ ବିକ୍ରି ହେଉଥିବା ଖାଦ୍ୟର ପ୍ରକୃତମାନ ନିରୂପଣ ପାଇଁ ଏହାକୁ ପରୀକ୍ଷାଗାରକୁ ପଠାଇବା ପରେ ୪୦ଦିନ ମଧ୍ୟରେ ରିପୋର୍ଟ ମିଳିବାର ନିୟମ ରହିଛି। ଯଦି କୌଣସି ଜରିଆରେ ଅପମିଶ୍ରଣ ଅଥବା ଦୂଷିତ ଖାଦ୍ୟ ବିକ୍ରି ହେଉଥିବା ପ୍ରମାଣଯୋଗ୍ୟ ରିପୋର୍ଟ ମିଳେ ତେବେ ସରକାରଙ୍କ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ନିୟମ ରହିଛି। କିନ୍ତୁ ଜିଲାରେ ଏହି ଆଇନ ଫାଇଲ ଭିତରେ ରହିଯାଇଛି। ଅନେକସ୍ଥାନରେ ଦୂଷିତ ଜଳ ପିଇବାକୁ ଦିଆଯାଉଥିବା ଲକ୍ଷ୍ୟ କରାଯାଉଛି। ବୁଲା ବିକାଳୀମାନେ ଦହିବରା, ଗୁପଚୁପ ଆଦି ନିମ୍ନମାନର ଖାଦ୍ୟପଦାର୍ଥ ଗାଁ ଓ ସହରର ବିଭିନ୍ନ ୱାର୍ଡରେ ବିକ୍ରି କରୁଛନ୍ତି। କାର୍ଯ୍ୟାନୁଷ୍ଠାନ ନ ଥିବାରୁ ବଢ଼ି ଚାଲିଛି ଏପରି ଖାଦ୍ୟ ସାମଗ୍ରୀ ବିକ୍ରି।

ଏନେଇ ନୟାଗଡ଼ର ଗ୍ରାହକ ସଦାଶିବ ସାହୁ, ଭାପୁରର ଗୋଲାପ ଦଳେଇ, ନୂଆଗାଁର ସୀତା ପ୍ରଧାନ କୁହନ୍ତି, ବିଭିନ୍ନ କାମ ନେଇ ଲୋକମାନେ ଜିଲା ସଦର ମହକୁମା, ବ୍ଲକ ସଦର ମହକୁମା, ଏନଏସି, ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସହ ବିଭିନ୍ନ ଅଫିସକୁ ଆସୁଛନ୍ତି। ସେହି ଲୋକମାନେ ଖାଉଥିବା ଖାଦ୍ୟ କେତେ ନିରାପଦ ତାହା ଜାଣିବାକୁ ଚେଷ୍ଟା କରି ନ ଥାନ୍ତି। ପୁଣି ରୋଷେଇ ହେଉଥିବା ସ୍ଥାନକୁ ଯିବାକୁ ସେମାନଙ୍କ ପକ୍ଷେ ସମ୍ଭବ ନୁହେଁ। ରୋଷେଇ ଘରକୁ ହୋଟେଲ, ଢ଼ାବା, ଜଳଖିଆ ଦୋକାନୀ ଛାଡ଼ି ନ ଥାନ୍ତି। ଏଭଳି ସ୍ଥଳେ ଫୁଡ୍ ସେଫ୍ଟି ଅଫିସର ଅଚାନକ ପରିଦର୍ଶନ, ଚଢ଼ାଉ ଜାରି ରଖିଲେ ବ୍ୟବସାୟୀମାନେ ଭୟଭୀତ ହୁଅନ୍ତେ। ତେବେ ସେପରି କିଛି ନ ଥିବାରୁ ଅପମିଶ୍ରଣ, ନିମ୍ନମାନର ଓ ବାସି ଖାଦ୍ୟ ଖାଇଲେ କିଛି କରି ହେଉନି। ଖାଦ୍ୟର ମାନ ସମ୍ପର୍କରେ ପାଟିତୁଣ୍ଡ କଲେ ସୁଫଳ ମିଳୁନି। ବରଂ ଗଣ୍ଡଗୋଳ ଓ ଉତ୍ତେଜନା ସୃଷ୍ଟି ହେଉଛି। ଗ୍ରାହକ ଖାଦ୍ୟର ମାନ ଭଲ ନୁହେଁ ଅଭିଯୋଗ କଲାବେଳକୁ ତାଙ୍କର ଅଭିଯୋଗ ଶୁଣିବାକୁ କେହି ନାହାନ୍ତି। କେଉଁଠି ସେ ଅଭିଯୋଗ କରିବ ସେ ଜାଣି ନ ଥାଆନ୍ତି। ଫୁଡ ସେଫ୍ଟି ଅଫିସର ନବ ସାହୁ କୁହନ୍ତି, ଧରପଗଡ଼ ନମୁନା ସଂଗ୍ରହ ଜାରି ରହିଛି। ଏକାଧିକ ହୋଟେଲ ବିରୋଧରେ ମକଦ୍ଦମା କରାଯାଇଛି। ଆଗାମୀ ଦିନରେ ଚଢ଼ାଉକୁ ତ୍ୱରାନ୍ୱିତ କରାଯିବ ବୋଲି କହିଛନ୍ତି। ଜିଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ପୁଷ୍ପା ନୀଳିମା ଲାକ୍ରା କୁହନ୍ତି ବାସି, ଅପମିଶ୍ରିତ ଓ ନିମ୍ନମାନର ଖାଦ୍ୟ ବିକ୍ରି ହେଉଥିବାର ଅଭିଯୋଗ ଆସୁଥିବାରୁ ଖୁବ ଶୀଘ୍ର ଚଢ଼ାଉ କରାଯାଇ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯିବ।

# ଛାତ୍ରୀଛାତ୍ରଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା





ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଛାତ୍ରୀଛାତ୍ର।

ରଣପୁର,୬।୮ (ସୁକାନ୍ତ କିଶୋର ଡାକୁଆ)

ଶନିବାର ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବିଭିନ୍ନ ବିଦ୍ୟାଳୟରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରଣପୁର ବ୍ଲକ ବଜ୍ରକୋଟ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଶୀଲ କୁମାର ରଣାଙ୍କ ନେତୃତ୍ୱରେ ସହକାରୀ ଶିକ୍ଷୟିତ୍ରୀ ପଦ୍ମାବତୀ ବେହେରା ଓ ଶିକ୍ଷକ ପ୍ରଦୀପ ସେନାଗୁପ୍ତାଙ୍କ ସହଯୋଗରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ,ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷାର ବିଭିନ୍ନ ନିୟମ ଓ ସଙ୍କେତ ବିଷୟରେ ବୁଝାଇ ଥିଲେ। ଶେଷରେ ସଡ଼କ ସୁରକ୍ଷା ନିୟମ ପାଳନ କରିବା ପାଇଁ ଶପଥ ପାଠ କରାଯାଇଥିଲା। ସେହିପରି ରଣପୁର ବ୍ଲକ ନରସିଂହପୁର କ୍ଲଷ୍ଟର ନରସିଂହପୁର ୟୁଜିଏମ୍ଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦାଶ, ପାମ୍ପଡା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ମହାନ୍ତି, ସାମନ୍ତରାୟପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁକାନ୍ତ ବେହେରା, ବ୍ରଜବଲ୍ଲଭପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମ ଦେଇ, ହଂସରା ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ଦେଇ, ହଂସରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନୀଳାଦ୍ରି ସୁବୁଦ୍ଧି ଓ ନରସିଂହପୁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟରେ ପିଲାମାନେ ପ୍ଲାକାର୍ଡ ଧରି ସଡ଼କ ସୁରକ୍ଷା ଉପରେ ବିଭିନ୍ନ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରିଥିଲେ।

# ପିକ ଅପ୍ ଭ୍ୟାନ୍ ସହ ୧୩ ଗୋରୁ ଉଦ୍ଧାର

ନୟାଗଡ଼,୬।୮ (ଲୋକନାଥ ମିଶ୍ର)

**୨ ଗୋରୁ ବ୍ୟବସାୟୀ ଗିରଫ**

ଦଶପଲ୍ଲା ଥାନା ପୋଲିସ ପିକ୍ଅପ୍ ଭ୍ୟାନ ସହ ୧୩ ଗୋରୁ ଉଦ୍ଧାର କରିଛି। ୨ ଗୋରୁ ବ୍ୟବସାୟୀଙ୍କୁ ଗିରଫ କରି ପୋଲିସ ତଦନ୍ତ କରୁଛି। ଶନିବାର ଦଶପଲ୍ଲାରୁ ପିକଅପ୍ ଭ୍ୟାନ(ନଂ.ଓଡି୦୫ ବିଏମ ୬୪୮୩)ରେ ୧୩ ଟି ଗୋରୁ ଗଣିଆ ଅଭିମୁଖେ ଯାଉଥିଲେ। ଖବର ପାଇ ଦଶପଲ୍ଲା ଥାନା ପୋଲିସ ଅନ୍ଧାରକୋଟ ଠାରେ ଗୋରୁ ଗାଡ଼ି ଜବତ କରିବା ସହ କଟକ ଜିଲା କୋଟପଲ୍ଲା ଥାନା ବଡ଼ମ୍ବା ଗାଁର ସଉକତ ଖାନ ଓ ନଇମ ଖାନଙ୍କୁ ଗିରଫ କରିଛି। ଗୋରୁଗୁଡ଼ିକୁ ଗୋଶାଳାରେ ରଖାଯାଇଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୦୩/୨୩) ରୁଜୁ ହୋଇଛି।

# ଆକ୍ରମଣ କରିବାକୁ ଯାଇ ଚେଚ୍ଛା ଖାଇଲେ

## ୨ ମାମଲାରେ ୫ କୋର୍ଟ ଚାଲାଣ

ବ୍ରହ୍ମପୁର,୬।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଜେଲ ଫେରନ୍ତା ଜଣେ ଅଭିଯୁକ୍ତ ଆକ୍ରମଣ କରିବାକୁ ଯାଇ ବିପକ୍ଷ ଗୋଷ୍ଠୀଙ୍କ ସଂଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ୨ ଗୋଷ୍ଠୀର ଆକ୍ରମଣ ଓ ପ୍ରତିଆକ୍ରମଣ ନେଇ ଅଭିଯୋଗ ପ୍ରକାରେ ଟାଉନ ଥାନା ପୋଲିସ ୨ଟି ମାମଲା ରୁଜୁ କରି ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନଙ୍କ ଠାରୁ ଖଣ୍ଡା, ବାଇକ, ଭଙ୍ଗା ବିଅର ବୋତଲ ଓ ମାରଣାସ୍ତ୍ର ଜବତ କରାଯାଇଛି। ପୂର୍ବ ଶତ୍ରୁତାକୁ ନେଇ ଏହି ଘଟଣା ଘଟିଥିବା ପୋଲିସ କହିଛି। ସମସ୍ତ ଅଭିଯୁକ୍ତଙ୍କୁ ଶନିବାର ରାତିରେ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ବିଜିପୁର ଅଞ୍ଚଳର ଏନ. କିରେନ କୁମାର ଓ ଖାଲାସୀ ସାହିର ଟୁନାଙ୍କ ଦାସ ମଧ୍ୟରେ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ଏପ୍ରିଲ ୨୮ ତାରିଖ ରାତିରେ ଅନିଲ ଓ ତାଙ୍କ ସହଯୋଗୀମାନେ ଖାଲାସୀ ସାହିରେ ରହୁଥିବା ଟୁନାଙ୍କ ଉପରେ ବୋମା ପକାଇବା ସହ ଖଣ୍ଡାରେ ଆକ୍ରମଣ କରିଥିଲେ। ଏ ନେଇ ଅଭିଯୋଗ ପରେ ଟାଉନ ଥାନା ପୋଲିସ ନଂ.୧୬୦/୨୩ ରେ କିରେନ ଓ ତାଙ୍କ ସହଯୋଗୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିରେନ ଜୁଲାଇ ୨୫ରେ ସର୍ତ୍ତମୂଳକ ଜାମିନରେ ଆସିଥିଲେ। ସେ ତାଙ୍କ ସହଯୋଗୀ ଗତ ୪ ତାରିଖ ରାତି ୧୧ଟାରେ ଖାଲାସୀ ସାହିକୁ ଯାଇଥିଲେ। ଟୁନାଙ୍କୁ ସେଠାରେ ଦେଖି ଖଣ୍ଡା ବାହାର କରି ଆତଙ୍କ ଖେଳାଇଥିଲେ। ଏହି ସମୟରେ ଟୁନାଙ୍କ ସାନଭାଇ ରଘୁନାଥ ଦାସ ଓ ତାଙ୍କର କେତେଜଣ ସହଯୋଗୀ କିରେନଙ୍କୁ ଘେରିଯାଇ ସଂଘବଦ୍ଧ ଆକ୍ରମଣ କରିଥିଲେ। କିରେନ ଓ ତାଙ୍କ ସହଯୋଗୀମାନେ ବାଇକ ଛାଡ଼ି ସେଠାରୁ ଖସି ପଳାଇଥିଲେ। କିରେନଙ୍କ ଅଭିଯୋଗ ଅନୁସାରେ ପୋଲିସ ୩୦୯/୨୩ରେ ମାମଲା ରୁଜୁ କରି ରଘୁନାଥ, ତାଙ୍କ ଭାଇ ଟୁନା ଓ ୨ ସହଯୋଗୀ ବି. ଜଗଦୀଶ ଏବଂ ଏମ. ଅନିଲ କୁମାରଙ୍କୁ ଗିରଫ କରିଥିଲା। ସେହିପରି ରଘୁନାଥଙ୍କ ଅଭିଯୋଗ ଅନୁଯାୟୀ ମାମଲା ନମ୍ବର ୩୧୦/୨୨ରେ କିରେନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଘଟଣାର ତଦନ୍ତ ଚାଲିଛି। ଏଥିରେ ଅନ୍ୟ ଯେଉଁମାନଙ୍କର ସମ୍ପୃକ୍ତି ଥିବ ସେମାନଙ୍କୁ ମଧ୍ୟ ଗିରଫ କରାଯିବ ବୋଲି ପୋଲିସ କହିଛି।

# ଗଞ୍ଜାମର ୬ ବିଧାନସଭା ଆସନରେ ଲଢ଼ିବ ସିପିଆଇ



ସିପିଆଇ କାର୍ଯ୍ୟକାରୀ କମିଟି ବୈଠକରେ ଉପସ୍ଥିତ ନେତାମାନେ।

- ଆସିକା ଲୋକ ସଭା ପାଇଁ ପ୍ରାର୍ଥୀ ଦେବ
- ଜିଲା କାର୍ଯ୍ୟକାରୀ କମିଟିର ନିଷ୍ପତ୍ତି

ବ୍ରହ୍ମପୁର,୬।୮ (ନରସିଂହ ସାହୁ)

ଗଞ୍ଜାମ ଜିଲା ସିପିଆଇ କାର୍ଯ୍ୟକାରୀ କମିଟି ବୈଠକ ରବିବାର ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ସାଧାରଣ ନିର୍ବାଚନରେ ଆସିକା ଲୋକସଭା ସମେତ ୬ ବିଧାନସଭା କ୍ଷେତ୍ରରେ ପ୍ରାର୍ଥୀ ଦିଆଯିବାକୁ ନିଷ୍ପତ୍ତି ହୋଇଛି। ଏହି ଆସନଗୁଡ଼ିକ ମଧ୍ୟରେ ଛତ୍ରପୁର, ସାନଖେମୁଣ୍ଡି, ଖଲ୍ଲିକୋଟ, କବିସୂର୍ଯ୍ୟନଗର, ପୋଲସରା ଓ ଆସିକା ରହିଛି। ବୈଠକ ପରେ ଜିଲା ସମ୍ପାଦକ ପ୍ରକାଶ ପାତ୍ର ଏହି ସୂଚନା ଦେଇଛନ୍ତି। ଭାଜପାକୁ ରୋକିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା ସେ ଦର୍ଶାଇଛନ୍ତି।

ସୂଚନାଯୋଗ୍ୟ ଅତୀତରେ ଏହି ଜିଲାରେ ସିପିଆଇର ଦବଦବା ଥିଲା। ଇତିମଧ୍ୟରେ ହୋଇଥିବା ୧୬ ବିଧାନସଭା ନିର୍ବାଚନ ମଧ୍ୟରୁ କେବଳ ଛତ୍ରପୁରରୁ ୮ ଥର କମ୍ୟୁନିଷ୍ଟ ବିଧାୟକ ହୋଇଥିବା ତଥ୍ୟ ରହିଛି। ସେହିପରି ଆସିକାରୁ ୫ ଥର, କବିସୂର୍ଯ୍ୟନଗରରୁ ୫ ଥର ସିପିଆଇ ପ୍ରାର୍ଥୀମାନେ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ଅନ୍ୟ ବିଧାନସଭା କ୍ଷେତ୍ରରୁ ଲଢ଼ି ପରାଜିତ ହୋଇଥିବା ପ୍ରାର୍ଥୀମାନେ ଆଶାନୁରୂପ ଭୋଟ ପାଇଥିଲେ। ୨୦୧୯ ନିର୍ବାଚନରେ ଆସିକା ସଂସଦୀୟ କ୍ଷେତ୍ରରୁ ବରିଷ୍ଠ ନେତା ରାମକୃଷ୍ଣ ପଣ୍ଡା ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। କଂଗ୍ରେସ ଦଳ ସହ ସିପିଆଇର ମେଣ୍ଟ ହୋଇଥିଲା। ୧୯୭୧ ନିର୍ବାଚନରେ ଆସିକା ଲୋକସଭା କ୍ଷେତ୍ରରୁ ସିପିଆଇରୁ ସ୍ୱର୍ଗତ ଦ୍ୟୁତିକୃଷ୍ଣ ପଣ୍ଡା ଏମପି ହୋଇଥିଲେ। ପାର୍ଟି ସଂଗଠନ ପୁଣି ସୁଦୃଢ଼ ପାଇଁ ଆଗାମୀ ନିର୍ବାଚନରେ ଉପରୋକ୍ତ ଆସନରେ ପ୍ରାର୍ଥୀ ଦିଆଯିବାର ନିଷ୍ପତ୍ତି ହୋଇଥିବା କୁହାଯାଇଛି।

ବୈଠକରେ ଅନ୍ୟ ପ୍ରସଙ୍ଗ ମଧ୍ୟରେ ଗୋପାଳପୁର ବନ୍ଦର ଭିତ୍ତିକ ଟାଟା କମ୍ପାନୀର ଇସ୍ପାତ କାରଖାନା ପାଇଁ ଜବରଦସ୍ତ ଘରୋଇ ଜମି ଅଧିଗ୍ରହଣ ବିରୋଧରେ ହୋଇଥିବା ବୃହତ୍ତ ଚାଷୀ ଆନ୍ଦୋଳନ ବେଳେ ଏକ ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ମାମଲାର ବିଚାର କରି ଅଦାଲତ ପୂର୍ବତନ ବିଧାୟକ ଏନ. ନାରାୟଣ ରେଡ୍ଡିଙ୍କ ସମେତ ୧୩ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିପାଇଁ ବୈଠକରେ ଉଦବେଗ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଆସନ୍ତା ସେପ୍ଟେମ୍ବର ୩ ଓ ୪ ତାରିଖ ଦୁଇଦିନ ଧରି ଛତ୍ରପୁର ଓ ବ୍ରହ୍ମପୁରରେ ଜିଲାସ୍ତରୀୟ କର୍ମୀ ସମାବେଶ କରାଯିବାର ସ୍ଥିର ହୋଇଛି। ରାଜୀବ ଲୋଚନ ପଣ୍ଡା ବୈଠକରେ ଅଧ୍ୟକ୍ଷତା କରିଥିଲେ। ପ୍ରଶାନ୍ତ ପାଇଯୋଶୀ, ଶ୍ରୀହର୍ଷ ରଥ, କାମଦେବ ନାହାକ, ପ୍ରଦୀପ ସେଠୀ, ଦଣ୍ଡପାଣି ସାମଲ, ଜନାର୍ଦ୍ଦନ ରେଡ଼ି ପ୍ରମୁଖ ଯୋଗ ଦେଇଥିଲେ।

# ଓଡ଼ଗାଁ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୂତକୋଠି

ଓଡ଼ଗାଁ,୬।୮ (ଆଦର୍ଶ କୁମାର ପଟ୍ଟନାୟକ)



ନୟାଗଡ଼ ଜିଲା ଓଡ଼ଗାଁ ଏନଏସି ଅଧୀନ ଜାରିଙ୍ଗି ମୌଜାରେ ରହିଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଭୁତକୋଠିରେ ପରିଣତ ହୋଇଛି। ପାଖରୁ ଦେଖିଲେ ଏହା ଏକ ଗ୍ରାମ୍ୟ ଜଙ୍ଗଲ ଭିତରେ ରହିଥିବା ଭ୍ରମ ସୃଷ୍ଟି କରୁଛି। ପୂର୍ବରୁ ଭଡ଼ା ଘରେ ଚାଲୁଥିବା ଏହି କାର୍ଯ୍ୟାଳୟ ନିମନ୍ତେ ସରକାରୀ ଅନୁଦାନ ବିନିଯୋଗ କରାଯାଇ ନୂତନ କୋଠା ନିର୍ମାଣ କରାଯାଇଥିଲା। ୨୦୧୩ ଜୁଲାଇ ୧୨ରେ ନୟାଗଡ଼ ବିଧାୟକ ତଥା ତତ୍କାଳୀନ ଶକ୍ତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ ମନ୍ତ୍ରୀ ଅରୁଣ କୁମାର ସାହୁ ଉକ୍ତ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେହି କାର୍ଯ୍ୟାଳୟ ବ୍ୟବହାର ନ ହୋଇ ପଡ଼ି ରହିଛି। ଏଯାବତ୍ ଏହି ଅଫିସକୁ ବିଦ୍ୟୁତ୍ ସଂଯୋଗ ହୋଇ ନାହିଁ। ବେଆଇନ ଭାବେ ସାମନା ଘରୁ ବିଦ୍ୟୁତ୍ ତାର ଟଣାଯାଇଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ବ୍ୟବହାର ନ ହେବାରୁ ନୂତନ କୋଠା ଚାରିପାଖରେ ଅନାବନା ଗଛ ଉଠି ଜଙ୍ଗଲର ଭ୍ରମ ସୃଷ୍ଟି କରିଛି। ଅନ୍ଧକାରର ସୁଯୋଗ ନେଇ କେତେଜଣ ବ୍ୟକ୍ତି ସେଠାରେ ଜୁଆ ଖେଳୁଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ବିଭାଗୀୟ ସହକାରୀ ଯନ୍ତ୍ରୀ ସଞ୍ଜୀବ ରଥଙ୍କୁ ଯୋଗାଯୋଗ କରାଯାଇଥିଲା। ଅଫିସ ରକ୍ଷଣାବେକ୍ଷଣ ପାଇଁ ଗୋଟିଏ ହେଲେ ଟଙ୍କା ସରକାରଙ୍କ ତରଫରୁ ଆସୁନାହିଁ। ସେଥିପାଇଁ ମୁଁ ବାଧ୍ୟ ହୋଇ ନୟାଗଡ଼ରେ ରହି ସେଠାରୁ କାମ ସମ୍ପାଦନ କରୁଥିବା କହିଛନ୍ତି। ଏନେଇ ସେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରି ଅଫିସକୁ କାର୍ଯ୍ୟକ୍ଷମ କରିବାକୁ ଉଦ୍ୟମ କରିବି ବୋଲି ସୂଚନା ଦେଇଛନ୍ତି।

# ବୃତ୍ତଙ୍ଗ ନଦୀରେ ବୃଦ୍ଧ ଭାସିଗଲେ

ନୟାଗଡ଼,୬।୮ (ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଘୁଗୁଡିପଡ଼ା ଗାଁର ଗୋବିନ୍ଦ ମିଶ୍ର(୯୩) ଶନିବାର ଅପରାହ୍ନ ୪ଟାରେ ବୃତ୍ତଙ୍ଗ ନଦୀରେ ଶୌଚ ହେବା ବେଳେ ଭାସି ଯାଇଛନ୍ତି। ଏ ସଂକ୍ରାନ୍ତରେ ପରିବାର ଲୋକ ଜାଣି ପାରି ନ ଥିଲେ। ଖୋଜା ଖୋଜି ପରେ ଟେର ମିଳି ନ ଥିଲା। ଗାଁ ପାଖ ବୃତ୍ତଙ୍ଗ ନଦୀ କୂଳରେ ଗୋବିନ୍ଦଙ୍କ ଚପଲ ଲୁଗା ରହିଥିବାରୁ ଶୌଚ ହେବାକୁ ଯାଇ ଭାସି ଯାଇଥିବା ଅନୁମାନ କରାଯାଉଛି। ଏ କଥା ଜଣାପଡିବା ପରେ ଦଶପଲ୍ଲା ଦମକଳ ପକ୍ଷରୁ ଶନି ଓ ରବିବାର ଦୁଇ ଦିନ ଖୋଜାଖୋଜି ଜାରି ରହିଥିଲେ ମଧ୍ୟ ଟେର ମିଳି ନାହିଁ। ଘୁଗୁଡିପଡ଼ାଠାରୁ ବୃତ୍ତଙ୍ଗ ନଦୀରେ ମହାନଦୀର ମିଳନ ସ୍ଥଳ ପର୍ଯ୍ୟନ୍ତ ପ୍ରାୟ ୧୨ କିମି ଖୋଜା ଯାଇଛି। ହେଲେ ଗୋବିନ୍ଦଙ୍କ ପତ୍ତା ମିଳି ନାହିଁ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅବିନାଶ



@ ଅବିନାଶ ରାଉତ



@ ମିର୍ ଅହମ୍ମଦ ଅଲ୍ଲି



@ ରିଙ୍କୁ



@ ସୌମ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଙ୍ଗନୱାଡି କେନ୍ଦ୍ରରୁ ଚୋରି, ଜଣେ ଗିରଫ

## ଚୋରି ସାମଗ୍ରୀ ଜବତ, ୨ ଫେରାର

ଭାପୁର,୬।୮ (ଭରତ କୁମାର ବେହେରା)



ଅଭିଯୁକ୍ତ ଅରୁଣ କୁମାର ପ୍ରଧାନ

ଫତେଗଡ଼ ଥାନା ଶାଳପଡ଼ା ପଞ୍ଚାୟତ ବାରବାଟୀ ଅଙ୍ଗନୱାଡି କେନ୍ଦ୍ରରୁ ଶୁକ୍ରବାର ବିଳମ୍ବିତ ରାତିରେ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିଲା। ଏହି ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିବା ସହିତ ଚୋରି ସାମଗ୍ରୀ ଉଦ୍ଧାର କରିଛି। ଗିରଫ ଅଭିଯୁକ୍ତ ହେଲେ ସେହି ଗ୍ରାମର ଅରୁଣ କୁମାର ପ୍ରଧାନ। ସୂଚନାଯୋଗ୍ୟ, ଶାଳପଡା ଅଙ୍ଗନୱାଡି କେନ୍ଦ୍ରର ଗ୍ରୀଲ ତାଡି ଗ୍ୟାସ ଟାଙ୍କି,ଚୁଲା, ପ୍ରେସର କୁକର, ବାସନ କୁସନ ଆଦି ବିଭିନ୍ନ ଚୋରି ହୋଇଥିଲା। ଏ ସଂକ୍ରାନ୍ତରେ ଅଙ୍ଗନୱାଡ଼ି କର୍ମୀ ନଳିନୀ ପ୍ରଭା ମିଶ୍ର ଫତେଗଡ଼ ଥାନାରେ ଶନିବାର ଲିଖିତ ଅଭିଯୋଗ କରିଥିଲେ। ଭାପୁର ଫାଣ୍ଡି ଅଧିକାରୀ ତଦନ୍ତ କରିଥିଲେ। ଚୋରି ସାମଗ୍ରୀଗୁଡିକୁ ଅରୁଣ ନୂଆଗାଁ ଅଧାପନ୍ତରିଆ ଅଙ୍ଗନୱାଡି କେନ୍ଦ୍ରରେ ବସ୍ତାରେ ବାନ୍ଧି ରଖିଥିଲେ। ଏହି ଘଟଣାରେ ଆଉ ୨ ଜଣ ସାମିଲ ଥିବା ତଦନ୍ତରୁ ଜଣାପଡ଼ିଛି। ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୭୪/୨୩) ରୁଜୁ କରି ପୋଲିସ ତାଙ୍କୁ ରବିବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୨ଜଣ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ପୋଲିସ କହିଛି।

# ଭାରତ ବନ୍ଦ ପାଇଁ ପୋଲିସ ମୁତୟନ

ନୟାଗଡ଼,୬।୮ (ଲୋକନାଥ ମିଶ୍ର)

- ସୁପରଭିଜନ କରିବେ ଅତିରିକ୍ତ ଏସ୍‌ପି, ଏସ୍‌ଡିପିଓ
- ଗିରଫଦାରି ପାଇଁ ସ୍ୱତନ୍ତ୍ର ଅସ୍ଥାୟୀ ହାଜତ

ସୋମବାର ଭାରତ ବନ୍ଦ। ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ପକ୍ଷରୁ ଭାରତ ବନ୍ଦ ଡାକରା ଦିଆଯାଇଛି। ଭାରତର ୩୧ ରାଜ୍ୟ ଓ ୫୬୭ ଜିଲାରେ ଏହି ବନ୍ଦ କରାଯିବ ବୋଲି ଘୋଷଣା କରାଯାଇଛି। ଭାରତ ବନ୍ଦକୁ ବିଫଳ କରିବା ପାଇଁ ପୋଲିସ ଓ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ବିଭିନ୍ନ ଛକରେ ପୋଲିସ ମୁତୟନ ହୋଇଛନ୍ତି। ମୋବାଇଲ ପାଟ୍ରୋଲିଂ କରିବେ। ଅସ୍ଥାୟୀ ହାଜତ କରାଯାଇଛି। ଭିଡିଓ ସୁଟିଂ କରାଯାଇ ସେମାନଙ୍କ କାର୍ଯ୍ୟକଳାପ ଆକଳନ ହେବ। ଅତିରିକ୍ତ ଏସ୍‌ପି ଓ ଏସ୍‌ଡିପିଓ ସୁପରଭିଜନ କରିବେ। ଦମକଳ କେନ୍ଦ୍ରର କର୍ମଚାରୀ ନିୟୋଜିତ ହେବେ। ସକାଳ ୬ଟାରୁ ପୋଲିସ ମୁତୟନ ହେବେ। ଆଇନଶୃଙ୍ଖଳାକୁ ନିୟନ୍ତ୍ରଣ ପାଇଁ ଜିଲାର ଥାନା ଅଞ୍ଚଳରେ ତହସିଲଦାର ଓ ଅତିରିକ୍ତ ତହସିଲଦାରଙ୍କୁ ନିୟୋଜିତ କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୭ ଅଗଷ୍ଟ, ୨୦୨୩



## ଟାୱାରରେ ଚଢ଼ି ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ

**ପାରଳାଖେମୁଣ୍ଡି,(ଗିରିଧାରୀ ପରିଛା):** ଗୋଷାଣି ବ୍ଲକ ଗାରବନ୍ଧ ଥାନା ଅନ୍ତର୍ଗତ ଗାରବନ୍ଧମେଟୁ ଗ୍ରାମର ଜଣେ ନିଶାସକ୍ତ ଯୁବକ ଘରୋଇ କଳିକୁ ନେଇ ଏକ ବିଦ୍ୟୁତ ଟାୱାର ଉପରକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ସ୍ଥାନୀୟ ଲୋକେ ଓ ଗାରବନ୍ଧ ଥାନା ଅଧିକାରୀ ଗୋବିନ୍ଦ ଗୌଡ ପୋଲିସ କର୍ମଚାରୀଙ୍କ ଉଦ୍ୟମକ୍ରମେ ତାଙ୍କୁ ବୁଝାଶୁଝା କରି ତଳକୁ ଅଣାଯାଇଥିଲା। ଯୁବକଙ୍କ ପରିବାରରେ କୌଣସି କାରଣରୁ କଳହ ହୋଇଥିଲା। ଏହାପରେ ସେ ସକାଳୁ ଅତି ଉଚ୍ଚ ସମ୍ପୂର୍ଣ୍ଣ ଟାୱାରରେ ଚଢ଼ି ଯାଇଥିଲେ। କେତେଜଣ ପଥଚାରୀ ଓ ପରେ ସ୍ଥାନୀୟ ଗ୍ରାମବାସୀ ପହଞ୍ଚି ତାଙ୍କୁ ଓହ୍ଲାଇବା ନିମନ୍ତେ ବୁଝାଇ କହିଥିଲେ। ହେଲେ ସେ ବିଦ୍ୟୁତ ତାର ଛୁଇଁ ଦେବେ ନଚେତ ସେଠାରୁ ଡେଇଁ ପଡ଼ିବେ ବୋଲି କହିଥିଲେ। ଲୋକେ ଏ ନେଇ ଗାରବନ୍ଧ ଥାନାକୁ ଫୋନ ଯୋଗେ ଜଣାଇଥିଲେ। ପୋଲିସ ପହଞ୍ଚି ବୁଝାସୁଝା କରିବା ପରେ ଯୁବକ ଜଣକ ଆତ୍ମହତ୍ୟାରୁ ନିବୃତ ରହି ଟାୱାରରୁ ଓହ୍ଲାଇ ଆସିଥିଲେ। ଖବରପାଇ ପାରଳାଖେମୁଣ୍ଡି ଅଗ୍ନିଶମ ବାହିନୀ ସେଠାକୁ ଯାଇଥିଲେ ମଧ୍ୟ ଯୁବକ ଓହ୍ଲାଇ ସାରିଥିଲେ।

### ସଂକ୍ଷେପରେ

## କଳିଙ୍ଗ ବୈଶ୍ୟ ସଂଘର ଚାରାରୋପଣ

**ଧରାକୋଟ,୬।୮(ବିଷ୍ଣୁ କେଶରୀ ଆଚାର୍ଯ୍ୟ)**

ମୁଣ୍ଡମରାଇସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମୁଣ୍ଡମରାଇ କଳିଙ୍ଗ ବୈଶ୍ୟ ମହିଳା ସଂଘ ରୁଷିକୁଲ୍ୟା ଅଞ୍ଚଳ ତରଫରୁ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିଳା ଶାଖା ସଭାପତି ଟି. ରୋଜା ସୁବୁଦ୍ଧି, ସମ୍ପାଦକ ଭାଗ୍ୟଶ୍ରୀ ପାତ୍ର, ଯୁବକ ସେବା ସଂଘ ସଭାପତି ଚିଦାନନ୍ଦ ପାତ୍ର, ବୈଶ୍ୟ ସଂଘ ସମ୍ପାଦକ ପି. ଭେଙ୍କେଟେଶ୍ୱର ପାତ୍ରଙ୍କ ସମେତ ସମସ୍ତ ସଦସ୍ୟା ଚାରାରୋପଣ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ସମସ୍ତ ବିଦ୍ୟାର୍ଥୀଙ୍କୁ ନିଜ ନିଜ ବାଡ଼ିରେ ଗୋଟିଏ ଲେଖାଏ ଗଛ ଲଗାଇବା ପାଇଁ କୁହାଯାଇଥିଲା।

## ଦୁର୍ଗମ ପିତାଦେଇ ଗାଁରେ ସମସ୍ୟା ବୁଝିଲେ ବିଡିଓ

**ଜି.ଉଦୟଗିରି,୬।୮(ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ବ୍ଲକ ତଲାରିମାହା ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଅବସ୍ଥିତ ପିତାଦେଇ ଗ୍ରାମକୁ ରାସ୍ତା ନାହିଁ। ବିଦ୍ୟୁତ, ପାନୀୟ ଜଳ ସୁବିଧା ନାହିଁ। ଶିକ୍ଷା, ସ୍ୱାସ୍ଥ୍ୟ ସେବା ସାତ ସପନ। ଗ୍ରାମବାସୀ ବିଭିନ୍ନ ଯୋଜନାରୁ ବଞ୍ଚିତ। ଶନିବାର ଏହି ଗ୍ରାମ ସମ୍ପର୍କରେ ସୂଚନା ପାଇ ଜି.ଉଦୟଗିରି ବିଡିଓ ଆଶିଷ କୁମାର ତ୍ରିପାଠୀ ଏକ ଟିମ ନେଇ ସେଠାରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିବା ସହ ୬ଟି ପରିବାରକୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରିବାକୁ କର୍ମଚାରୀଙ୍କୁ କହିଥିଲେ। ଗ୍ରାମକୁ ରାସ୍ତା ସମେତ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀ ସେମାନଙ୍କ ସମସ୍ୟା ବିଡିଓଙ୍କୁ ଜଣାଇଥିଲେ। ବିଡିଓଙ୍କ ଏହି ଗସ୍ତ ସମୟରେ କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ଦିକ୍ଷିତ, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର ଜଗନ୍ନାଥ ରଥ, ଏସିପି ଏନ.ସୁଶୋଭନ, ପିଇଓ ସୁଧୀର ମିଶ୍ର, ଜିଆରଏସ ହିରୋଜ ନାୟକ, ସମାଜିକ କର୍ମୀ ରାଜେଶ ବଗର୍ତ୍ତୀ, ପି ଡି ଏସ ଅକ୍ଷୟ ସାହୁ, ବିପିଏ ଶ୍ୟାମଳ ବେହେରା, ବିଆରସି ମାନୁଏଲ ନାୟକ, ଗାଁ ସାଥି ସୁଦର୍ଶନ କହଁର ପ୍ରମୁଖ ରହିଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

**ବ୍ରାହ୍ମଣୀଗାଁ, ୬।୮ (ମନୋରଞ୍ଜନ ରଣା)**

ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ମାତୃ ସମ୍ମିଳନୀ ହୋଇଯାଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଚିତ୍ରସେନ ପାତ୍ର ଅଧ୍ୟକ୍ଷତା କରିଥିଲେ। କମିଟିର ସମ୍ପାଦକ ଲିଙ୍ଗରାଜ ପଣ୍ଡା, ସହ ସମ୍ପାଦକ ଏସ. ସୁଶିଲ ଦୋରା, ସୋନାଲି ସାହୁ, ବିଦ୍ୟୁଲତା ନାୟକ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟା ଲକ୍ଷ୍ମୀ ବଡ଼ କୁମର ଅତିଥି ପରିଚୟ ପ୍ରଦାନ କରିବା ସହ ଉପସ୍ଥିତ ମାତୃ ମଣ୍ଡଳୀଙ୍କୁ ପିଲାଙ୍କ ପ୍ରତି ସେମାନଙ୍କର କ'ଣ ସବୁ ଦାୟିତ୍ୱ ରହିଛଇ ସେ ସମ୍ପର୍କରେ କହିଥିଲେ। ପରେ ମାତୃ ଭାରତୀ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ରୂପାଲୀ କାର୍ଜୀ ଓ ସମ୍ପାଦିକା ଚାନ୍ଦିନୀ ଉଥାନ ସିଂଙ୍କୁ ଚୟନ କରାଗଲା। କାର୍ଯ୍ୟକ୍ରମ ପରିଚାଳନାରେ ଆଚାର୍ଯ୍ୟା ଶାନ୍ତି ଲତା ସାହୁ, ବବିତା ସିଂହସାମନ୍ତ, କରିଶ୍ମା କୁମାରୀ ପାତ୍ର, ଆଚାର୍ଯ୍ୟ ସଞ୍ଜୀବ ସୁନ୍ଦ୍ରା ମାଝୀ, ବିମଳ ମାଝୀ ଓ ସେବିକା ସୁଷମା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ଲାଞ୍ଚ ଦେଲେ ସମ୍ପୂର୍ଣ୍ଣ ହେବ ଅଧାପନ୍ତରିଆ ଆବାସ ଗୃହ

### ବିଲ ନାଁରେ ମଗାଯାଉଛି ୫ ହଜାର

**ମୋହନା,୬।୮(ମନ୍ମଥ ମିଶ୍ର)**


ଅର୍ଦ୍ଧ ନିର୍ମିତ ଘର।

ସରକାର ଗରିବ ଅସହାୟମାନଙ୍କ ପାଇଁ ପକ୍କାଘର ନିର୍ମାଣ ଲାଗି ଅର୍ଥ ପ୍ରଦାନ କରୁଛନ୍ତି। ହେଲେ କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ପାଇଁ ଗରିବ ଲୋକେ ଯୋଜନାର ସୁଫଳ ନପାଇ ଅଧାପନ୍ତରିଆ ଅବସ୍ଥାରେ ସରକାରୀ ଅର୍ଥକୁ ଚାହିଁ ବସିଛନ୍ତି। କାରଣ ୫ ହଜାର ନଦେଲେ ହେଉନି ବିଲ୍। ଏଭଳି ଅଭିଯୋଗ କରିଛନ୍ତି ମୋହନା ବ୍ଲକର କାମିଲି ଗୁଡା ଗ୍ରାମର ସୁବାସ ମଳିକ। ଅଧାପନ୍ତରିଆ ଅବସ୍ଥାରେ ଆବାସ ଘରଟି ଅଛି, ଛାତ ପଡିପାରୁନାହିଁ। ଘର ସମ୍ମୁଖରେ ବାଲି ସହ ଗୋଡି ବି ଗଚ୍ଛିତ କରି ରଖାଯାଇଛି। ଛାତ ପଡିବ। ସେଥିପାଇଁ ଗୋଟିଏ ବଖରା ସମ୍ପୂର୍ଣ୍ଣ ସେଣ୍ଟ୍ରିଂ କାମ ସରିଥିବା ବେଳେ ସାମ୍ନା ବଖରାଟିର ସେଣ୍ଟ୍ରିଂ କିଛି ବାକି ରହିଛି। ସୁବାସଙ୍କ କହିବା ଅନୁଯାୟୀ, ୨୦୧୭ରେ ସରକାରୀ ଯୋଜନାରେ ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ପାଇଥିଲେ। କିନ୍ତୁ ଅର୍ଥ ଅଭାବରୁ ଦୀର୍ଘ ୫ ବର୍ଷ ମଧ୍ୟରେ ସେ ଏବେ ଧୀରେ ଧୀରେ ନିଜର ସ୍ୱପ୍ନର ଘରକୁ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟା କରିଛି ସରକାରଙ୍କ ତରଫରୁ ଦୁଇଟି କିସ୍ତିରେ ଟଙ୍କା ମଧ୍ୟ ପାଇଛନ୍ତି। କିନ୍ତୁ ଏବେ ଛାତ ପକାଇବା ପାଇଁ ତୃତୀୟ କିସ୍ତି ମିଳିବ। ସେଥିପାଇଁ ଧାର କରଜ କରି ସବୁ କାମ ସାରିବା ପରେ, ଛାତ ପକାଇବା ଉଦ୍ଦେଶ୍ୟ ନେଇ ତୃତୀୟ କିସ୍ତି ବିଲ୍ ପାଇଁ ପଞ୍ଚାୟତକୁ ଦୌଡୁଛନ୍ତି। କାରଣ ଛାତ ପକାଇବା ପାଇଁ ତୃତୀୟ କିସ୍ତି ପାଇଲେ ସେ ଲୁହା, ସିମେଣ୍ଟ କିଣି ଛାତ ପକାଇବେ। ହେଲେ ପଞ୍ଚାୟତର ପିଇଓ ପ୍ରକାଶ ମିଶ୍ର ବିଲ୍ ପାସ୍ କରାଇବା ପାଇଁ ୫ ହଜାର ଟଙ୍କା ଦାବି କରୁଛନ୍ତି। ଟଙ୍କା ଯୋଗାଡ଼ କରି ନ ଦେଇପାରିବାରୁ ୨ ରୁ ୩ ମାସ ହେବ ଦୌଡାଉଥିବା ଅଭିଯୋଗ କରିଛନ୍ତି ହିତାଧିକାରୀ ସୁବାସ। ଏ ନେଇ ଲିଲିଗଡ ପଞ୍ଚାୟତର ପିଇଓଙ୍କୁ ପଚାରିବାରୁ ସେମାନଙ୍କ ଅଭିଯୋଗ ଭିତ୍ତିହୀନ, ଦୁଇରୁ ତିନି ଦିନ ମଧ୍ୟରେ ତାଙ୍କର ବିଲ୍ ହୋଇଯିବ ବୋଲି କହିଛନ୍ତି।

## ଉତ୍କଳ ଖଡୁରା ସମାଜ ସାଧାରଣ ଅଧିବେଶନ


ଉପସ୍ଥିତ ସଂଘ କର୍ମକର୍ତ୍ତା।

**ଗଞ୍ଜାମ,୬।୮(ବିଦ୍ୟାଧର ସାହୁ):** ଗଞ୍ଜାମ ସହର ଓଡ଼ିଆ ଡାମଣା ସାହିସ୍ଥିତ ରାମଲିଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଉତ୍କଳ ଖଡୁରା ସମାଜର ସାଧାରଣ ଅଧିବେଶନ ରବିବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଉପଦେଷ୍ଟା ରାମନାଥ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିବେଶନରେ ବରିଷ୍ଠ ସଦସ୍ୟ ସୁବାସ ମହାପାତ୍ର, ରମେଶ ଚନ୍ଦ୍ର ସାହୁ, ସୁବାସ ମହାପାତ୍ର, ବେନୁପାଣି ନାୟକ, ଲିଙ୍ଗୁ ସୁବୁଦ୍ଧି, ବୃନ୍ଦାବନ ସୁବୁଦ୍ଧି, ରମେଶ ନାୟକ, ମଧୁସୂଦନ ସୁବୁଦ୍ଧି, ଗୌରାଙ୍ଗ ସୁବୁଦ୍ଧି, କାମନା ନାୟକ, ବାସୁଦେବ ସୁବୁଦ୍ଧି, ଗୋବିନ୍ଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଉତ୍କଳ ଖଡୁରା ସମାଜ ଆହ୍ୱାନକ୍ରମେ ଜାତିର ଏକତା ଓ ମାନବୃଦ୍ଧି ନିମନ୍ତେ ଗଞ୍ଜାମ ପେଣ୍ଠ ଗଠନ କରାଯାଇଥିଲା। ଏହି ଉପଲକ୍ଷେ ସମାଜ ପାଇଁ କର୍ମକର୍ତ୍ତା ଗଠନ କରାଯାଇଛି। ସଭାପତି ଭାବେ ଲିଙ୍ଗୁ ସୁବୁଦ୍ଧି, ଉପସଭାପତି ସନ୍ତୋଷ କୁମାର ନାୟକ, ସମ୍ପାଦକ ରମେଶ ନାୟକ, ସତ୍ୟ ନାରାୟଣ ସାହୁ, କୋଷାଧ୍ୟକ୍ଷ ମଧୁସୂଦନ ସୁବୁଦ୍ଧି ପ୍ରମୁଖଙ୍କୁ ଚୟନ କରାଯାଇଛି। ସମସ୍ତ ସଦସ୍ୟ ଶୃଙ୍ଖଳିତ ହେଲେ ଉତ୍କଳ ଖଡୁରା ସମାଜ ମାନ ବୃଦ୍ଧି ପାଇବା ସହ ସଙ୍ଘ ଆଗକୁ ବଢ଼ିପାରିବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବେଣୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଗଜପତି ଜିଲା ପାଠାଗାରକୁ ପ୍ରଶଂସା



ପାଠାଗାର ଉତ୍ସବରେ ଉପସ୍ଥିତ ଅତିଥିମାନେ।

**ପାରଳାଖେମୁଣ୍ଡି,୬।୮(ଗିରିଧାରୀ ପରିଛା)**

ନୂଆଦିଲ୍ଲୀ ପ୍ରଗତି ମୈଦାନରେ ୨ଦିନିଆ ପାଠାଗାର ଉତ୍ସବ-୨୦୨୩ ଅନୁଷ୍ଠିତ ହୋଇଯାଇଛି। ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଦ୍‌ଘାଟନ କରଥିଲେ। ଏଥିରେ ଗଜପତି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମ୍ମାନିତ ବକ୍ତା ଭାବେ ଯୋଗଦେଇଥିଲେ। ସେ ଗଜପତି ଜିଲାର ପାଠାଗାରକୁ ନେଇ ହୋଇଥିବା ଉତ୍ତମ କାର୍ଯ୍ୟ ସମ୍ପର୍କରେ କହିଥିଲେ। ମୁଖ୍ୟତଃ ପଞ୍ଚାୟତ ସ୍ତରରେ ହୋଇଥିବା ଗୋଷ୍ଠୀ ପାଠାଗାର ଓ ସେବାଶ୍ରମ ବିଦ୍ୟାଳୟରେ ହୋଇଥିବା ଆକର୍ଷଣୀୟ ବିଦ୍ୟାଳୟ ପାଠାଗାର ସମ୍ପର୍କରେ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧିଙ୍କ ଠାରେ ଉପସ୍ଥାପନ କରିଥିଲେ। ଏହାକୁ ସମସ୍ତେ ପ୍ରଶଂସା କରିଥିଲେ। ଦେଶରେ ପାଠାଗାର କ୍ଷେତ୍ରରେ ଉତ୍କର୍ଷ କାର୍ଯ୍ୟ କରିଥିବା ଚୟନିତ ସରକାରୀ ପଦାଧିକାରୀଙ୍କ ମଧ୍ୟରେ ଗଜପତି ଜିଲାପାଳ ଅନ୍ୟତମ ଥିଲେ। ସୂଚନାଯୋଗ୍ୟ, ଜିଲାରେ ଆଦିବାସୀ ଓ ଅନୁସୂଚିତ ବିଭାଗ ଦ୍ୱାରା ୫୦ଟି ସେବାଶ୍ରମ ବିଦ୍ୟାଳୟରେ ପାଠାଗାର ପ୍ରୋତ୍ସାହନ କାର୍ଯ୍ୟକଳାପ ଓ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଦ୍ୱାରା ୨୫ ଟି ଗୋଷ୍ଠୀ ପାଠାଗାର ସ୍ଥାପନ କରାଯାଇଛି।

## ଘନଶ୍ୟାମ କଲେଜ ପରିଚାଳନା କମିଟିର ବୈଠକ

**କବିସୂର୍ଯ୍ୟନଗର,୬।୮(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗରର ଡ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟର ପ୍ରଥମ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବରୁ ପରିଚାଳନା କମିଟି ରହିଥିଲେ ମଧ୍ୟ କଲେଜ ବହୁ ସମସ୍ୟା ଦେଇ ଗତି କରୁଥିଲା। ପୁନଃ ପରିଚାଳନା କମିଟି ଗଠନ ହେବା ପରେ ବହୁ ସମସ୍ୟାର ସମାଧାନ ସହ ଉଚ୍ଚ କୋଟିର ଅଧ୍ୟୟନ ଓ ପଠନ ସମ୍ଭବ ହେବ ବୋଲି ଆଶା ଉଜ୍ଜୀବିତ ହୋଇଥିବା ସଭାପତି ପ୍ରସନ୍ନ କୁମାର ଦଳାଇ କହିଛନ୍ତି। ସରକାରଙ୍କ ପକ୍ଷରୁ ମାସେ ତଳେ ନିୟୋଜିତ ସଭାପତି ଓ ପରିଚାଳନା କମିଟି ହେବା ପରେ ବହୁ ବିକାଶ ସମ୍ଭବ ହୋଇଥିବା କଲେଜ ଅଧ୍ୟକ୍ଷ ଅବନୀ କୁମାର ମିଶ୍ର ପ୍ରକାଶ କରିଛନ୍ତି। ବୈଠକରେ ପରିଚାଳନା କମିଟି ସଭାପତି ପ୍ରସନ୍ନ କୁମାର ଦଳାଇ, ଶିକ୍ଷକ ପ୍ରତିନିଧି ସଦସ୍ୟ ନରସିଂହ ପାଢ଼ୀ, ଶିକ୍ଷୟିତ୍ରୀ ପ୍ରତିନିଧି ସଦସ୍ୟ ରୁନି ପାଣିଗ୍ରାହୀ, ନନ ଟିଚିଙ୍ଗ ସଦସ୍ୟ ସୀତାପତି ମହାରଣା, ଅନୁସୂଚିତ ଜାତି ସଦସ୍ୟ କାଳୁଚରଣ ବେହେରା, ସଂଖ୍ୟାଲଘୁ ଜାତି ସଦସ୍ୟ ଅଜିମା ବେଗମ ଓ ମହିଳା ସଦସ୍ୟ ନିବେଦିତା ବେହେରା, ସଦସ୍ୟ ନୀଳାଞ୍ଚଳ ନନ୍ଦ ଏବଂ ଅର୍ଚ୍ଚନା ଶତପଥୀ ଉପସ୍ଥିତ ଥିଲେ। କଲେଜର ନୂତନ ଶ୍ରେଣୀ ଗୃହ, ୱାସ୍‌ରୁମ୍, ଯାନବାହାନ ରହଣୀ ଗୃହ ଆଦି ନିର୍ମାଣ ଚାଲିଛି।

## ବିଦ୍ୟାର୍ଥୀଙ୍କୁ ପୋଷାକ ବିତରଣ

**ଚାନ୍ଦିପୁଟ,୬।୮(ଡି.ଏନ୍.ଏ.):** ଚାନ୍ଦିପୁଟ ସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋଷାକ ବିତରଣ ଉତ୍ସବ ପାଳିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମହିଳା ସଶକ୍ତି କରଣ ମିଶନ ଜରିଆରେ ମା'କୁ କାମ ଗାଁକୁ ସମ୍ମାନ ମହିଳା ସୟଂ ସେବକ ସଂଘ ଦ୍ୱାରା ସମସ୍ତ ସ୍କୁଲର ଛାତ୍ରୀଛାତ୍ରଙ୍କୁ ପୋଷାକ ବିତରଣ ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ମା ମଙ୍ଗଳା ସୟଂ ସେବକ ସଂଘ ଚନ୍ଦ୍ରଗିରି ଏହି ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟ ଅତିଥି ରୂପେ ସ୍କୁଲର ସଭାପତି ବିପ୍ର ଚରଣ ବଳିଆରସିଂହ, ସମ୍ମାନୀତ ଅତିଥି ଚାନ୍ଦିପୁଟ ସରପଞ୍ଚ କନକ ଲତା ପାଲ, ପଞ୍ଚାୟତ ସଭ୍ୟ ସୋମନାଥ ମଣ୍ଡଳ, ସିଆର୍‌ସିସି ଭୈରବ ପ୍ରସାଦ ପ୍ରଧାନ, ପ୍ରଧାନ ଶିକ୍ଷକ ବଳରାମ ବଡ଼ରଇତ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ଚବିନ୍ଦ୍ର ପଲାଇ ପରିଚାଳନା କରିଥିଲେ।

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017
NOTICE INVITING TENDER
Tender Notice No. TPWODL/AB/O/SU/ 037

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

Rate Contract for Supply of LT AB fittings.

Interested bidders to submit Tender Participation Fee and Authorization Letter through email on or before 14th August 2023, 19:00Hrs, after which link from e-Tender system shall be shared.

For detailed tender documents of the above-mentioned tender, please visit Tender section on website www.tpwesternodisha.com. Further details for participating in tender is given in the tender document.

Prospective bidders are requested to visit the website for detailed amendment and updated tender document.

Sd /- Chief-Contracts and Stores

## ରକ୍ତ ପାଇଁ ଜୟଦେବଙ୍କ ଦେଶ ଭ୍ରମଣ


ଜୟଦେବଙ୍କ ସହ ଅନ୍ୟମାନେ।

**ବାଲିଗୁଡା,୬।୮(ସଞ୍ଜୟ କୁମାର ପାଣିଗ୍ରାହୀ)**

### ସାଇକେଲରେ ହର ଘର ରକ୍ତଦାତା ଅଭିଯାନ ସଚେତନତା

ସାଇକେଲ ମ୍ୟାନ୍ ଅଫ୍ ଇଣ୍ଡିଆ ଭାବେ ପରିଚିତ ଜୟଦେବ ରାଉତ ରବିବାର ବାଲିଗୁଡାରେ ପହଞ୍ଚିଛନ୍ତି। ରାଉତ ଜଣେ ସ୍ୱେଚ୍ଛାସେବୀ। ରକ୍ତଦାତାଙ୍କ ସହ ରକ୍ତଦାନ ଏବଂ ହର୍ ଘର ରକ୍ତଦାତା ଅଭିଯାନକୁ ପ୍ରୋତ୍ସାହିତ କରିବା ପାଇଁ ସେ ସାଇକେଲରେ ଭାରତ ଭ୍ରମଣ କରୁଛନ୍ତି। ୨୦୨୨ ଅକ୍ଟୋବର ୧ ତାରିଖରୁ ସେ ନିଜର ଯାତ୍ରା ଆରମ୍ଭ କରିଥିଲେ। ଭାରତ ସାରା ଯାତ୍ରା କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ସମସ୍ତଙ୍କୁ ପ୍ରେରଣା ଦେବେ। ରାଉତଙ୍କ ନିଜ ଗ୍ରାମ ଓଡ଼ିଶାର ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ବିଲ୍ କବିରାଜ ସାହିର ହୋଇଥିବା ବେଳେ ସେ ଦୀର୍ଘ ଦିନ ଧରି କୋଲକାତାରେ ରହି ଆସୁଛନ୍ତି। ସେ ପଶ୍ଚିମବଙ୍ଗରୁ ଯାତ୍ରା ଆରମ୍ଭ କରି କନ୍ଧମାଳ ଜିଲା ବାଲିଗୁଡାରେ ଦୀର୍ଘ ୩୦୦ ଦିନ ପରେ ପହଞ୍ଚିଥିବାରୁ ବାଲିଗୁଡା ଆଦିବାସୀ ମହାବିଦ୍ୟାଳୟର ଯୁବ ରେଡ଼କ୍ରସ ତରଫରୁ ରାଉତଙ୍କୁ ମହାବିଦ୍ୟାଳୟ ସଭାଗୃହରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସି, ଯୁବ ରେଡକ୍ରସ୍‌ର କନ୍ଧମାଳ ଜିଲା ସଂଯୋଜକ ଡ. ବିଭୂତି ଭୂଷଣ ଆଚାର୍ଯ୍ୟ, କାଉନ୍‌ସେଲର ଦଣ୍ଡପାଣି ଭୂୟାଁ, ଏନ୍‌ଏସ୍‌ଏସ୍ ଯୋଜନା ଅଧିକାରୀ ଅରୁନ୍ଧତୀ ପ୍ରଧାନ, ପିଇଟି ଗଙ୍ଗାଧର ପଣ୍ଡା, ଧନ୍ଦାମୂଳକ ଶିକ୍ଷା ତାଲିମଦାତା କାର୍ତ୍ତିକ ଚନ୍ଦ୍ର ସାମଲ, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରତ୍ୟୁଷ ରଞ୍ଜନ ଶତପଥୀଙ୍କ ସମେତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଉତ ଫେଡେରେଶନ୍ ଅଫ୍ ବ୍ଲଡ୍ ଡୋନର ଅର୍ଗାନାଇଜେଶନ୍ ଅଫ୍ ଇଣ୍ଡିଆର ଆଜୀବନ ସଦସ୍ୟ ସହ ବ୍ରାଣ୍ଡ ଆମ୍ବାସଡର ଅଛନ୍ତି। 'ହର୍ ଘର୍ ରକ୍ତଦାତା'ର ମନ୍ତ୍ର ନେଇ ସେ ଏହି ଅଭିଯାନ ଆରମ୍ଭ କରିଛନ୍ତି।

## ଶିକ୍ଷାରେ ଅବହେଳା, ଅନ୍ଧାରକୁ ଯାଉଛି ବିଦ୍ୟାର୍ଥୀଙ୍କ ଭବିଷ୍ୟତ

**ଖଜୁରିପଡ଼ା,୬।୮(ବିଦୁର ବେହେରା)**

ସଭିଏ ପଢନ୍ତୁ ସଭିଏ ବଢନ୍ତୁ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ସରକାର ପିଲାମାନଙ୍କୁ ଉତ୍ତମ ଶିକ୍ଷା ଯୋଗାଇଦେବା ପାଇଁ ସରକାର ବିଦ୍ୟାଳୟ ଗୁଡ଼ିକୁ ୫-ଟି ଯୋଜନାରେ ରୂପାନ୍ତରଣ କରୁଛନ୍ତି। ଏଥିପାଇଁ ଶିକ୍ଷକମାନଙ୍କୁ ମୋଟା ଅଙ୍କରେ ବେତନ ଦେଉଥିବା ବେଳେ ଶିକ୍ଷକମାନଙ୍କ ଅବହେଳା ପାଇଁ ଛାତ୍ରୀଛାତ୍ରଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତ ଏବେ ଅନ୍ଧାର ଆଡ଼କୁ ଠେଲି ହୋଇଯାଉଛି। ଶିକ୍ଷକ ମାନଙ୍କର ସମୟାନୁବର୍ତ୍ତିତା ରହୁ ନାହିଁ। ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଆଡ଼ାସି ପଡା ପଞ୍ଚାୟତ ଅଧୀନରେ ଥିବା ସ୍କୁଲ ଗୁଡ଼ିକରେ ଶିକ୍ଷକମାନେ ଠିକ ସମୟରେ ସ୍କୁଲକୁ ଆସୁ ନାହାନ୍ତି ଅଭିଯୋଗ ପାଇଲା ପରେ ସରପଞ୍ଚ ସହିତ ଯାଇ ଦେଖିଲା ବେଳକୁ ସ୍କୁଲକୁ ଶିକ୍ଷକମାନେ କିଏ ଡେରିରେ ଆସୁଛନ୍ତି ତ ଆଉ କିଏ ଅନ୍ୟ କୌଣସି ବ୍ୟକ୍ତି ଗତ ସମସ୍ୟା ଦେଖେଇ ଛୁଟିରେ ରହୁଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ଏବଂ ସିଆରସିସିଙ୍କୁ ପଚାରିବାରୁ ଶିକ୍ଷକଙ୍କ ଭୁଲ ଘୋଡ଼ାଇବା ପାଇଁ ଚେଷ୍ଟା କରୁଛନ୍ତି। ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ଶିକ୍ଷାରେ ଅବହେଳା କରୁଥିବା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

GOVERNMENT OF ODISHA
DEPARTMENT OF WATER RESOURCES
Office of the Superintending Engineer,
Barpali Irrigation Division, Barpali
No.A-406: E-mail Id - ee.barpali.canal@gmail.com
'e' Procurement Notice No- 03/2023-24
BID IDENTIFICATION NO- BID 03 (01 to 03) /2023-24 (ON-LINE)
DATED 01.08.2023

1. Type of the work : Improvement to Water Course, Footbridge & building works
2. No of works : 03 (Three) Nos.
3. Class of Contractor : "D", "C", " B" & "A"
4. Bid identification No : BID - 03 (01 to 03) 2023-24
5. Estimate cost : 8.48 Lakhs to 49.61 Lakhs
6. Period of completion : As per DTCN.
7. Date and time of availability of bid documents in the portal : Dt.14.08.2023 at 11.00 AM to Dt. 28.08.2023 upto 5.00 PM.
8. Last date/ time for receipt of bids in the portal : Dt. 28.08 .2023 upto 5.00 PM.
9. Date of opening of Bid : Dt. 29.08.2023 at 11.00 AM
10. Date of Lottery : To be intimated later on through e-mail

1. Any addendum/corrigendum/cancellation of tender can also be seen in the said Website.
2. Further details can be seen from Government Website- http://tenderodisha.gov.in.

Sd./- Superintending Engineer
Barpali Irrigation Division, Barpali
OIPR-32413/11/0003/2324

## ଗଛ ଉପୁଡ଼ି କୁଡ଼ିମୁଞ୍ଜାଠା-ଡକରବାଡ଼ି ରାସ୍ତା ଅବରୋଧ

**ଦାରିଙ୍ଗବାଡ଼ି, ୬।୮(ଅରୁଣ ସାହୁ)**

- ସପ୍ତାହେ ହେଲା ବିଭାଗୀୟ ଅଧିକାରୀଙ୍କ ଦେଖାନାହିଁ
- ପିଚୁ ରାସ୍ତାରେ କାଦୁଅ, ନିମ୍ନମାନର କାମ, ମରାମତି ହେଉନି

ଦାରିଙ୍ଗବାଡ଼ି ବ୍ଲକ କୁଡ଼ିମୁଞ୍ଜାଠାରୁ ଡକରବାଡ଼ିକୁ ସଂଯୋଗ କରୁଥିବା ରାସ୍ତାରେ ବିରାଟକାୟ ଗଛ ଉପୁଡ଼ିପଡିବା ସହ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିପଡ଼ିଛି। ଡକରବାଡ଼ିଠାରୁ ଗବାଟବାଡ଼ି ଦେଇ ସିମନବାଡି-ରାଇକିଆ ମୁଖ୍ୟ ରାସ୍ତାରେ ଯାତାୟାତ ବନ୍ଦ ହୋଇଯିବାରୁ ଡକରବାଡ଼ି, ଗବାଟବାଡ଼ି ଗ୍ରାମବାସୀ ସ୍ୱାସ୍ଥ୍ୟସେବା ସହ ଜରୁରକାଳୀନ ସେବା ପାଇବାରୁ ହଇରାଣ ହେଉଛନ୍ତି। ସେହିପରି ଉକ୍ତ ରାସ୍ତାରୁ ପିଚୁ ଉଠିଯାଇ କାଦୁଅ ଓ ଖାଲଖମାରେ ପରିଣତ ହୋଇଛି। ଗର୍ଭବତୀ, ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ମୁସ୍କିଲ ହେଉଥିବା ଗବାଟବାଡ଼ି ଗ୍ରାମର ଫ୍ରାଞ୍ଚାଇସ ପ୍ରଧାନ, ମନୋଜ ପ୍ରଧାନ, ଦାନୁଙ୍ଗା ପ୍ରଧାନ କହିଛନ୍ତି। ଏଭଳି ରାସ୍ତା ଉପରେ ଗଛ ପଡ଼ି ଅବରୋଧ ହେବାର ଏକ ସପ୍ତାହ ବିତି ଯାଇଥିଲେ ସୁଦ୍ଧା କୌଣସି ଗ୍ରାମ୍ୟ ଉନ୍ନୟନ ବିଭାଗ କିମ୍ବା ବିଦ୍ୟୁତ୍ ବିଭାଗ କର୍ମଚାରୀ ଗବାଟବାଡ଼ିରେ ପହଞ୍ଚି ନଥିବା ଅଟୋଚାଲାକ ନୀଳମଣି ସାହୁ ଅଭିଯୋଗ କରିଛନ୍ତି। ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ରମାକାନ୍ତ ପଟ୍ଟନାୟକଙ୍କୁ ପଚାରିବାରୁ ଏ ସମ୍ପର୍କରେ ସେ ଜାଣିନଥିଲେ ବୋଲି କହିଛନ୍ତି। ସେହିପରି ଗବାଟବାଡ଼ିଠାରୁ କୁଡ଼ିମୁଞ୍ଜାକୁ ସଂଯୋଗ କରାଯାଇଥିବା ତାର ଛିଣ୍ଡିବା ସହ ଯେଉଁ ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଛି ତାକୁ ଠିକା ସଂସ୍ଥାକୁ କହି ମରାମତି କରାଯିବ ବୋଲି ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ଶିବପ୍ରସାଦ ନାୟକ ସ୍ପଷ୍ଟ କରିଛନ୍ତି।

## ଋଷିକୁଲ୍ୟା ଜିଲା ଗଠନ ଦାବି, ଆସିକା ବନ୍ଦ ନିଷ୍ପତ୍ତି

**ଆସିକା,୬।୮(ସୁରେନ୍ଦ୍ର ନାଥ ସାହୁ)**



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଆସିକାର ଚତୁଃପାର୍ଶ୍ୱରେ ଥିବା ୮ ବ୍ଲକକୁ ନେଇ ରୁଷିକୂଲ୍ୟା ଜିଲା ଗଠନ ଲାଗି ଆସିକା ଓକିଲ ସଂଘ ପକ୍ଷରୁ ହୋଇ ଆସୁଥିବା ଦାବି ତୀବ୍ର ହେବାରେ ଲାଗିଛି। ରବିବାର ଓକିଲ ସଂଘ ସଭାଗୃହରେ ରୁଷିକୂଲ୍ୟା ଜିଲା ଆନ୍ଦୋଳନ କ୍ରିୟାନୁଷ୍ଠାନ କମିଟି ଓ ଆସିକା ଓକିଲ ସଂଘର ମିଳିତ ଉଦ୍ୟମରେ ଅନୁଷ୍ଠିତ ଏକ ବୈଠକରେ ଆନ୍ଦୋଳନକୁ ବିଭିନ୍ନ ଅଞ୍ଚଳକୁ ପରିବ୍ୟାପ୍ତ କରିବା ଲାଗି ଖସଡ଼ା ପ୍ରସ୍ତୁତ କରାଯାଇଛି। ପ୍ରଥମ ପଦକ୍ଷେପ ସ୍ୱରୂପ ଚଳିତ ଅଗଷ୍ଟ ୧୦ ତାରିଖ ଗୁରୁବାର ଆସିକା ବନ୍ଦ ଲାଗି ନିଷ୍ପତ୍ତି ହୋଇଛି। ସକାଳ ୬ରୁ ସନ୍ଧ୍ୟା ୬ ଯାଏ କେବଳ ଆସିକା ଏନ୍‌ଏସି ଇଲାକାରେ ଏହି ବନ୍ଦ ପାଳନ ଶାନ୍ତିପୂର୍ଣ୍ଣ ଭାବେ କରାଯିବ। ଧରାକୋଟ, ଶେରଗଡ଼, ସାନଖେମୁଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର, ବେଗୁନିଆପଡା ଓ ପୋଲସରା ବ୍ଲକରେ ମଧ୍ୟ ଏହି ବନ୍ଦ ଡାକରା ଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟିର ସଭାପତି ତଥା ଓକିଲ ସଂଘ ସଭାପତି ରବୀନ୍ଦ୍ର ନାଥ ଶର୍ମା ସୂଚନା ଦେଇଛନ୍ତି। ଆଡ୍‌ଭୋକେଟ ଶର୍ମାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମ୍ପାଦକ ନାରାୟଣ ମୁନି, ଉପସଭାପତି ଛବିଳରାମ ମିଶ୍ର, ଜିଲାପରିଷଦ ସଦସ୍ୟା ଅନିମା ପରିଡା, ବଣିକ ସଂଘ ଉପଦେଷ୍ଟା ଅରୁଣ କୁମାର ପାତ୍ର, ସନ୍ତୋଷ କୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଆସିକା ଅଞ୍ଚଳର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଓ ବିଭିନ୍ନ ସଂଗଠନର ପ୍ରତିନିଧି ବୈଠକରେ ଯୋଗଦେଇ ଜନସାଧାରଣଙ୍କ ନ୍ୟାଯ୍ୟଦାବି ରୁଷିକୂଲ୍ୟା ଜିଲା ଗଠନ ପାଇଁ ସେମାନଙ୍କ ସକ୍ରିୟ ସହମତି ଘୋଷଣା କରିବା ସହ ଆନ୍ଦୋଳନକୁ ଜୋରଦାର କରିବା ଲାଗି ମତବ୍ୟକ୍ତ କରିଥିଲେ।

GOVERNMENT OF ODISHA
OFFICE OF THE SUPERINTENDING ENGINEER
M.I. DIVISION, GANJAM NO-I, BERHAMPUR
ODISHA INTEGRATED IRRIGATION PROJECT
FOR CLIMATE RESILIENT AGRICULTURE (OIIPCRA)
(WORLD BANK PROJECT ID: P163533)
NATIONAL OPEN COMPETITIVE PROCUREMENT
FOR SMALL WORKS
Request for Bid (RFB) E-PROCUREMENT NOTICE
GOVERNMENT OF ODISHA
RFB NO-OIIPCRA-W2-GM-I-02/2023-24
No.A-409: No.2434 // M.I.D (GM)-I. BAM. 01.08.2023

| | | |
|---|---|---|
| Name of Work | : | Modernization works of Minor Irrigation Projects under OIIPCRA in Ganjam District |
| No. of Work | : | 09 (Nine) |
| Estimated Cost of works | : | Varies from Rs 16.83 lakh to Rs 69.96 lakh |
| Cost of Bid Document | : | Free of Cost |
| Time for Completion | : | As per DTCN |
| Date of Pre-Bid Meeting | : | On dt.01.09. 2023 11.30 Hrs. |
| Availability of Bid | : | From 17.08.2023 at 10.00 Hours to 15.09.2023 upto 15.00 Hours in the E-Procurement website (https://www.tendersodisha.gov.in). |
| Last date & time of receipt of bid | : | Upto 15.09.2023, 15.00 Hrs.through online |
| Payment of bid cost / bid security | : | Shall be paid On-line through the E-procurement portal of Govt. of Odisha along with the bid. |
| Date of opening of Technical Bids | : | On dt.15.09.2023 At 15.30 Hours onwards |
| Date of opening of financial bid | : | To be intimated online after off-line evaluation of Technical Bid. |
| Details about the tender | : | Available in web site of www.tendersodisha.gov.in and www.dowrodisha.gov.in. Any Addendum / Corrigendum / Cancellation can also be seen in the said website |
| Name & Address of the OIT | : | Superintending Engineer, M.I. Division, Ganjam-I, Berhampur, Pin-760010 |

Sd./- Superintending Engineer
M.I.Divn., Ganjam-I, Berhampur
OIPR-32104/11/0006/2324

